e-paper www.sambadkalika.in

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୧ ● ସଂଖ୍ୟା–୩୪ ● ୨୯ ଫେବୃୟାରୀ ୨୦୨୪, ଗୁରୁବାର ● ଭୁବନେଶ୍ୱର ● Vol -31 ● Issue-34 ● 29th February 2024, Thursday ● Bhubaneswar

Licensed to post without pre-payment of postage No- BN-60/22-24


## ଆଇସିସି ଟେଷ୍ଟ ର୍ୟାଙ୍କିଂ : ଜୁରେଲଙ୍କ ଲମ୍ଫ ଡିଆଁ, ଗିଲ୍-ଯଶସ୍ୱୀଙ୍କୁ ଫାଇଦା; କ୍ଷତିରେ ରୋହିତ ଓ କୋହଲି






30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୯ ଫେବୃୟାରୀ ୨୦୨୪ ଗୁରୁବାର



# ୯୦୦ କୋଟି ଟଙ୍କା ବ୍ୟୟରେ ଓଡ଼ିଶାର ୨୧ ଅମୃତ ଭାରତ ରେଳଷ୍ଟେସନ୍‌ର ଶିଳାନ୍ୟାସ

**ତାଳଚେର, ନ୍ୟୁଜ୍ ବ୍ୟୁରୋ**

ଅମୃତ ଭାରତ ଷ୍ଟେସନ୍ ଗୁଡ଼ିକ ଆତ୍ମନିର୍ଭର ଭାରତର ନୂଆ ପରିଚୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କରକମଳରେ ଓଡ଼ିଶା ସମେତ ଦେଶର ୪୧,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ରେଳ ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ଏକବିଂଶ ଶତାବ୍ଦୀର ଅତ୍ୟାଧୁନିକ ଭିତ୍ତିଭୂମି ନିର୍ମାଣ ଦିଗରେ ଆଉ ଏକ ପଦକ୍ଷେପ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋମବାର ଅନୁଗୋଳ ଜିଲ୍ଲା ତାଳଚେର ଷ୍ଟେସନ୍‌ରୁ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଅମୃତ ଭାରତ ଷ୍ଟେସନ୍ ଓ ଅନ୍ୟାନ୍ୟ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ ଏହା କହିଛନ୍ତି । ସେ କହିଛନ୍ତି ଯେ ରେଳ ଲାଇନ୍ ଆମ ଦେଶର ସମୃଦ୍ଧିର ପ୍ରତୀକ । ଏହାକୁ ଗତି ଦେବା ପାଇଁ ମୋଦୀ ସରକାରଙ୍କ ତରଫରୁ ଓଡ଼ିଶାକୁ ରେଳବାଇ କ୍ଷେତ୍ରରେ ୨୩୦୦ରୁ ଉର୍ଦ୍ଧ୍ୱ କୋଟି ଟଙ୍କାର ଉପହାର ମିଳିଛି । ଦେଶରେ ପ୍ରାୟ ୫୫୪ଟି ରେଳଷ୍ଟେସନ୍‌ର ପୁନଃବିକାଶ ହୋଇଥିବା ବେଳେ ଓଡ଼ିଶାରେ ୨୧ଟି ଅମୃତ ଭାରତ ରେଳ ଷ୍ଟେସନ୍‌ର ଶିଳାନ୍ୟାସ ହୋଇଛି ଏବଂ ଏଥିପାଇଁ ମୋଦୀ ସରକାର ଓଡ଼ିଶା ପାଇଁ ୯୦୦ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି ।




ସେହିପରି ଓଡ଼ିଶାରେ ୫୨ଟି ରୋଡ ଓଭର ବ୍ରିଜ୍ ଏବଂ ରୋଡ ଅଣ୍ଡର ବ୍ରିଜ୍‌ର ଲୋକାର୍ପଣ ଏବଂ ଭିତ୍ତିପ୍ରସ୍ତର ହୋଇଛି । ଏହି ୫୨ଟି ପ୍ରକଳ୍ପ ପାଇଁ ମୋଟ ୧୪୨୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏଥିପାଇଁ କେନ୍ଦ୍ରମନ୍ତ୍ରୀ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ ଆହୁରି କହିଛନ୍ତି ଯେ ଅମୃତ ଭାରତ ରେଳ ଷ୍ଟେସନ୍ ଅଧୀନରେ ୧୨.୮ କୋଟି ଟଙ୍କା ବ୍ୟୟରେ ତାଳଚେର ଷ୍ଟେସନ୍‌କୁ ବିକଶିତ କରାଯାଉଛି । ୨୩.୭୬ କୋଟି ଟଙ୍କା ବ୍ୟୟରେ ସମ୍ବଲପୁର ସିଟି ଷ୍ଟେସନ୍, ୧୮.୭୭ କୋଟି ଟଙ୍କା ବ୍ୟୟରେ ଝାରସୁଗୁଡା ରୋଡ଼, ୧୮.୫ କୋଟି ଟଙ୍କା ବ୍ୟୟରେ ଭଦ୍ରକ, ୧୯୭.୪ କୋଟି ବ୍ୟୟରେ ବାଲେଶ୍ୱର ରେଳ ଷ୍ଟେସନ୍, ୧୭.୫୦ କୋଟି ଟଙ୍କା ବ୍ୟୟରେ ବ୍ରଜରାଜନଗର ଷ୍ଟେସନ୍ ସହ ୨୧ଟି ଷ୍ଟେସନ୍‌ର ନବୀକରଣ ହେବ । ଏହି ପଦକ୍ଷେପ ଯାତ୍ରୀ ସୁବିଧାକୁ ଆହୁରି ସୁଗମ କରିବ । ଏହାବ୍ୟତିତ ରେଳବାଇ ପକ୍ଷରୁ ୨୫ କୋଟି ୪୧ ଲକ୍ଷ ବ୍ୟୟରେ ଅନୁଗୋଳ ଷ୍ଟେସନ୍‌ର ଉନ୍ନତିକରଣ ମଧ୍ୟ ହେଉଛି । ୨୬ କୋଟି ୧୧ ଲକ୍ଷ ବ୍ୟୟରେ ଢେଙ୍କାନାଳ ଷ୍ଟେସନ୍ ଓ ୨୨ କୋଟି ବ୍ୟୟରେ ମେରାମୁଣ୍ଡଳି ଷ୍ଟେସନ୍‌କୁ ବିକଶିତ କରାଯାଉଛି । ଓଡ଼ିଶା ସମେତ ସମଗ୍ର ଭାରତବର୍ଷରେ ରେଳ ଭିତ୍ତିଭୂମିକୁ ମଜଭୂତ କରିବା ସହ ଯାତ୍ରୀ ସୁବିଧାକୁ ଗୁରୁତ୍ୱ ଦେଉଛନ୍ତି । ଖୁବ୍‌ଶୀଘ୍ର ତାଳଚେର ବିମଳାଗଡ ରେଳ ଲାଇନ୍ ସମ୍ପୂର୍ଣ୍ଣ ହେବ । ଅନୁଗୋଳ-ସୁକିନ୍ଦା ରୋଡ ମଧ୍ୟରେ ନୂଆ ଲାଇନ୍ ବି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇସାରିଛି । ତାଳଚେର-ଅନୁଗୋଳ ଲୁପ୍ ଲାଇନ୍ ପାଇଁ ଭାରତ ସରକାର ନିୟମିତ ଭାବେ ଅର୍ଥ ମଞ୍ଜୁର ପ୍ରଦାନ କରିଛନ୍ତି । ତେବେ ତାଳଚେର-ବିମଳାଗଡ ରେଳ ଲାଇନ୍ ପାଇଁ ଜମି ଅଧିଗ୍ରହଣ ବାଧକ ସାଜିଛି । ରାଜ୍ୟ ଶାସନ ଦାୟିତ୍ୱରେ ଥିବା ଲୋକମାନେ ତାଳଚେର ଅଞ୍ଚଳର ଲୋକଙ୍କ ଆକାଂକ୍ଷାକୁ ସମ୍ମାନ ଦେବା ଉଚିତ୍ । ମୋଦି ସରକାର ପୂର୍ବରୁ ରେଳବାଇ କ୍ଷେତ୍ରରେ ଦେଶରେ ବାର୍ଷିକ ହାରାହାରି ୩ ଲକ୍ଷ କୋଟି ଟଙ୍କାର କାମ ହେଉଥିଲା । ମାତ୍ର ଏବେ ମୋଦୀ ସରକାରରେ ବାର୍ଷିକ ହାରାହାରି ୧୧ ଲକ୍ଷ କୋଟି ଟଙ୍କାର କାମ ହେଉଛି । ରେଳ ପ୍ରକଳ୍ପ ଗୁଡିକ କ୍ରିୟାନ୍ୱୟନ ହେବା ମୂଳ ବିଷୟ ମୋଦୀ ସରକାରରେ ରେଳ ଭିତ୍ତିଭୂମି ତ୍ୱରାନ୍ୱିତ ହୋଇଛି । ଅର୍ଥର ଅଭାବ ନାହିଁ । କେବଳ ସହଯୋଗର ଆବଶ୍ୟକତା ଅଛି । ଭିତ୍ତିଭୂମି ଦୃଷ୍ଟିରୁ ତାଳଚେର, ଅନୁଗୋଳ ସମେତ ଓଡ଼ିଶାକୁ ଅଗ୍ରଣୀ ଅଞ୍ଚଳ କରିବା ମୋଦି ସରକାରଙ୍କ ପ୍ରାଥମିକତାରେ ରହିଛି । ଭାରତ ବର୍ତ୍ତମାନ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ରାଷ୍ଟ୍ରରେ ପରିଣତ ହୋଇଥିବା ବେଳେ ଏହି ସମୟରେ ଆମର ଦାୟିତ୍ୱ ହେଉଛି, ତାଳଚେର ଓ ଅନୁଗୋଳକୁ ସବୁ ଦୃଷ୍ଟିରୁ ବଡ଼ କରିବା । ଅଭିମାନ ଓ ସ୍ୱାଭିମାନ ପାଇଁ ଆମ ପୂର୍ବପୁରୁଷମାନେ ଯେଉଁ ଲଢେଇ କରିଥିଲେ, ସେହି ପରମ୍ପରାକୁ ବଜାୟ ରଖିବା ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

# ଟିଟିଲାଗଡ଼ ରେଳ ଜଙ୍କସନ୍ ଅମୃତଭାରତ ଷ୍ଟେସନ୍ ଯୋଜନାରେ ଅନ୍ତର୍ଭୁକ୍ତ




**ଟିଟିଲାଗଡ଼, ନ୍ୟୁଜ୍ ବ୍ୟୁରୋ**

ପୂର୍ବତଟ ରେଳ ଜୋନ୍ ଭୁବନେଶ୍ୱର ଅଧିନସ୍ତ ସମ୍ବଲପୁର ରେଳ ଡିଭିଜନ୍ ଅନ୍ତର୍ଗତ ଟିଟିଲାଗଡ଼ ରେଳ ଜଙ୍କସନ୍ ଅମୃତ ଭାରତ ଷ୍ଟେସନ୍ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ଉପଲକ୍ଷେ ଟିଟିଲାଗଡ଼ ରେଳଷ୍ଟେସନ ପରିସରରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂଦେଓ, ସ୍ୱତନ୍ତ୍ର ଅତିଥି ଟିଟିଲାଗଡ଼ ବିଧାୟିକା ତଥା ଓଡ଼ିଶା ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ ଟୁକୁନି ସାହୁ, ଅନ୍ୟତମ ସମ୍ମାନିତ ଅତିଥି ସାଂସଦ (ରାଜ୍ୟସଭା) ନିରଞ୍ଜନ ବିଶି, ସମ୍ବଲପୁର ଅତିରିକ୍ତ ଡିଆରଏମ ଆନନ୍ଦ ସିଂ, ଭୁବନେଶ୍ୱର ରେଳ ଜୋନ୍‌ର ସି.ଆର.ଏସ.ଇ ଅମିତ ସିନ୍‌ହା ମଞ୍ଚାସୀନ ଥିଲେ । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଟିଟିଲାଗଡ଼ ରେଳଷ୍ଟେସନ୍‌ର ଅତ୍ୟାଧୁନିକ ନବୀକରଣ ପାଇଁ ୩୫ କୋଟି ୭୯ ଲକ୍ଷ ଟଙ୍କା ବ୍ୟୟରେ କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଟିଟିଲାଗଡ଼ ରେଳ ଷ୍ଟେସନ୍‌କୁ ରେଳଯାତ୍ରୀ ମାନଙ୍କ ପାଇଁ ଅତ୍ୟାଧୁନିକ ବିଲ୍‌ଡିଂ, ଦ୍ୱିତୀୟ ପ୍ରବେଶ ଦ୍ୱାରର ଉନ୍ନତି କରଣ, ୧୨ ମିଟର ଓସାରର ଫୁଟ୍ ଓଭର ବ୍ରିଜ୍ ନିର୍ମାଣ, ପ୍ଲାଟ୍‌ଫର୍ମର ଅତ୍ୟାଧୁନିକ ନବୀକରଣ, ଚାରି ଓ ପାଞ୍ଚ ନମ୍ବର ପ୍ଲାଟ୍‌ଫର୍ମକୁ ଉତ୍ତମ ଯାତାୟାତ ପାଇଁ ଲିଫ୍ଟର ବ୍ୟବସ୍ଥା, ଷ୍ଟାଣ୍ଡାର୍ଡ ଭୋଜନାଳୟ, ଉତ୍ତମ ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଦିବ୍ୟାଙ୍ଗ ଯାତ୍ରୀ ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା, ଅତ୍ୟାଧୁନିକ ଟଏଲେଟ ଏବଂ ଡ୍ରେସ୍ ରୁମ୍ ଆଦି ନିର୍ମାଣ କରାଯିବ ବୋଲି ଯୋଜନାରେ ସାମିଲ ଅଛି । ଏହି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ମାନଭଞ୍ଜନ ମିଶ୍ର । ଏହି ସଭାରେ ଟିଟିଲାଗଡ଼ ମ୍ୟୁନିସିପାଲିଟିର ଚେୟାରପର୍ସନ ମମତା ଦେବୀ ଜୈନ, ଭାଇସ୍ ଚେୟାରପର୍ସନ ପୁଷ୍ପମଞ୍ଜୁରୀ ଜାଲ, ସମସ୍ତ କାଉନସିଲର, ରେଳ ବିଭାଗର ସମସ୍ତ କର୍ମଚାରୀ, ରେଳବାଇ ସୁରକ୍ଷା ବଳ ଷ୍ଟାଫ୍, ସରକାରୀ ରେଳବାଇ ପୋଲିସ ଷ୍ଟାଫ୍, ଲୋକାଲ ପୋଲିସ ଷ୍ଟାଫ, ଅଗ୍ନିଶମ ବିଭାଗ କର୍ମଚାରୀ, ଆମ୍ବୁଲାନ୍ସ ଓ ମେଡିକାଲ ଷ୍ଟାଫ ଏବଂ ଟିଟିଲାଗଡ଼ ଅଞ୍ଚଳର ଜନସାଧାରଣ ପ୍ରମୁଖ ଏବଂ ସାମ୍ବାଦିକ ବୃନ୍ଦ ଓ ରେଳବାଇ ମେମ୍ବରମାନେ ଉପସ୍ଥିତ ଥିଲେ ।

# ୨୯ରେ ଉତ୍କଳ ସମାବର୍ତ୍ତନ ଉତ୍ସବ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଉତ୍କଳ ବିଶ୍ୱବିଦ୍ୟାଳୟର ୫୩ ତମ ସମାବର୍ତ୍ତନ ଉତ୍ସବ ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବ । କ୍ୟାମ୍ପସରେ ହେବାକୁଥିବା ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପ୍ରମୋଦ କୁମାର ମିଶ୍ର, ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିର ପରିଚାଳନା ନିର୍ଦ୍ଦେଶକ ସୀତଶ ପାଇଙ୍କୁ ସମ୍ମାନ ସୂଚକ ଡକ୍ଟରେଟ୍ ଡିଗ୍ରି ପ୍ରଦାନ କରାଯିବ । ବିଶ୍ୱବିଦ୍ୟାଳୟ ପକ୍ଷରୁ ସୁପାରିଶ ହୋଇଥିବା ଏହି ୩ ଜଣଙ୍କ ନାଁକୁ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ରଘୁବର ଦାସ ଅନୁମୋଦନ କରିଥିବା ଜଣାପଡ଼ିଛି । ୨୦୨୩ ମସିହା ପାଇଁ ୧୬୬ ଜଣ ଛାତ୍ରଛାତ୍ରୀଙ୍କୁ ପିଏଚ୍‌ଡି ଡିଗ୍ରି, ୧୦୬ ଜଣଙ୍କୁ ସ୍ୱର୍ଣ୍ଣ ପଦକ ସହ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯିବ । ପିଏଚ୍‌ଡି, ଡିଲିଟ୍ ଓ ଡିଏସ୍‌ସି ଡିଗ୍ରି ପାଇବାକୁ ଥିବା ଛାତ୍ରଛାତ୍ରୀ ସମାବର୍ତ୍ତନ ଉତ୍ସବରେ ଡ୍ରେସ୍‌କୋଡ୍ ପରିଧାନ କରିବେ । ଛାତ୍ରମାନେ ଧଳା ରଙ୍ଗର ସାର୍ଟ ଓ କଳା କିମ୍ବା ବ୍ଲୁ ରଙ୍ଗର ପ୍ୟାଣ୍ଟ ଏବଂ ସଫା ଧଳା ରଙ୍ଗରେ ନାଲି ଧଡ଼ି ଥିବା ହସ୍ତତନ୍ତ ଶାଢ଼ିକୁ ଡିଗ୍ରି ପାଇବାକୁ ଥିବା ଛାତ୍ରୀମାନେ ପିନ୍ଧିବେ । ଗାଉନ୍ ଓ ଟୋପି ବଦଳରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡିଗ୍ରିଧାରୀ ଛାତ୍ରଛାତ୍ରୀଙ୍କୁ ଉତ୍ତରୀୟ ପ୍ରଦାନ କରାଯିବ । ଏଥିପାଇଁ ଛାତ୍ରଛାତ୍ରୀ ବିଶ୍ୱବିଦ୍ୟାଳୟ ୱେବ୍‌ସାଇଟ୍ ଜରିଆରେ ପଞ୍ଜିକରଣ କରିବାକୁ ପରୀକ୍ଷା ନିୟନ୍ତ୍ରକ ଡ. ଚିନ୍ମୟ ପ୍ରଧାନ ପରାମର୍ଶ ଦେଇଛନ୍ତି । ହାଇଟେକ୍ ମେଡିକାଲ୍ କଲେଜ ଓ ହସ୍ପିଟାଲର ଏମବିବିଏସ୍ ଛାତ୍ରୀ ଅପରାଜିତା ଷଡ଼ଙ୍ଗୀ ସର୍ବାଧିକ ୯ଟି ସ୍ୱର୍ଣ୍ଣ ପଦକ ପାଇବେ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ।

# ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ଯୁବକକୁ ବାଲିଗୁଡା ପୋଲିସ ସୋମବାର ଗିରଫ କରିଛି । ଅଭିଯୁକ୍ତ ଜଣକ କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ଥାନା ଅର୍ନ୍ତଗତ ପାଙ୍ଗାପଡ଼ା ଗ୍ରାମର ଶପନ ପାଟମାଝୀ ହୋଇଥିବା ଜଣାପଡ଼ିଛି । ସୂଚନା ପ୍ରକାରେ ଘର ନିର୍ମାଣ କାମ କରିବାକୁ ଯାଇ ଗୁମୁଡୁମାହାରୁ ଘର ମାଲିକଙ୍କ ସମ୍ପର୍କୀୟଙ୍କ ୧୭ ବର୍ଷର ନାବାଳିକା ଝିଅକୁ ଗତ ଡ଼ିସେମ୍ବର ୨୬ ତାରିଖରେ ଅପହରଣ କରିନେଇ ତା ସହ ଦୁଷ୍କର୍ମ କରିବା ପରେ ବାଲିଗୁଡ଼ାରେ ଛାଡ଼ି ଚାଲିଯାଇଥିଲା ଶପନ । ସମ୍ପୃକ୍ତ ନାବାଳିକା ନିଜ ଘରକୁ ଯାଇ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇବାପରେ ପରିବାର ପକ୍ଷରୁ ବାଲିଗୁଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ଅଭିଯୋଗ ପ୍ରକାରେ ବାଲିଗୁଡ଼ା ଥାନା ପୋଲିସ ଧାରା ୩୬୬(୧), ୩୬୩, ୫୦୬ ଓ ଆଇପିସି ୬ ପୋକ୍ସୋ ଦଫା ଅନୁଯାୟୀ ପାଙ୍ଗାପଡ଼ା ଗ୍ରାମରୁ ଅଭିଯୁକ୍ତ ଶପନ ପାଟମାଝୀକୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସୁଶାନ୍ତ ସାହୁ ସୂଚନା ଦେଇଛନ୍ତି ।

# ନିଆଁ ଲାଗି ୮ ଲକ୍ଷ ଟଙ୍କାର ସାମଗ୍ରୀ ଭସ୍ମ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ବିଳମ୍ବିତ ରାତିରେ ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ନୂଆପୋଲ ବଜାରରେ ଭୟାବହ ଅଗ୍ନିକାଣ୍ଡ ଘଟି ସିରିଜ୍ ଭାବରେ ସମୁଦାୟ ୫ଟି ଦୋକାନରେ ନିଆଁ ଲାଗି ପାଖାପାଖି ୮ଲକ୍ଷରୁ ଉର୍ଦ୍ଧ୍ୱ ସାମଗ୍ରୀ ଜଳିପୋଡି ପାଉଁଶ ହୋଇଯାଇଛି । ଏହି ବଜାରରେ ଦୀର୍ଘ ବହୁବର୍ଷ ଧରି ବ୍ୟବସାୟ କରିଆସୁଥିବା ବଜାରର ଦିନବନ୍ଧୁ ବେହେରା, ବିଜୟ ଦାସ ଏବଂ ଦୁର୍ଯୋଧନ କବି ନାମକ ୩ ଜଣ ଦୋକାନୀ ମାଲିକଙ୍କର ସମୁଦାୟ ୫ଟି ଦୋକାନରେ ରାତି ପ୍ରାୟ ସାଢେ ୩ଟା ସମୟରେ ନିଆଁ ଲାଗି ସମସ୍ତ ଆସବାବପତ୍ର ସହ ସମସ୍ତ ଦୋକାନ ସାମଗ୍ରୀ ଜଳିପୋଡି ପାଉଁଶ ହୋଇଯାଇଛି । ଯାହାର ମୂଲ୍ୟ ପ୍ରାୟ ୮ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଉଛି । କୌଣସି ଦୁର୍ବୃତ୍ତ ନିଆଁ ଲଗାଇ ଏଭଳି କାଣ୍ଡ ଘଟାଇଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି ।

# ମହାକାଳପଡ଼ା ତେଲଟାଙ୍କି ବନ୍ଦ ରହିବା ଯୋଗୁ ବଢୁଛି ଗ୍ରାହକଙ୍କ ଦୁର୍ଦ୍ଦଶା




**ମହାକାଳପଡ଼ା, ନ୍ୟୁଜ୍ ବ୍ୟୁରୋ**

ମହାକାଳପଡ଼ା ସଦର ମହକୁମାରେ ଇଣ୍ଡିଆନ୍ ଅଏଲ୍ କମ୍ପାନୀର ଏକ ପେଟ୍ରୋଲ ଓ ଡିଜେଲ ପମ୍ପ ଖୋଲାଯାଇଥିଲା । ମାର୍ଶାଘାଇ ଅଞ୍ଚଳର ଜନୈକ ବ୍ୟକ୍ତିଙ୍କ ମାଲିକାନାରେ ପେଟ୍ରୋଲ ପମ୍ପ ଥିଲା । ଦୁଇବର୍ଷ ତଳୁ ଏହା କାର୍ଯ୍ୟକାରୀ ହୋଇଆସୁଥିଲା । ଦୈନିକ ଶହ ଶହ ଲୋକ ନିଜ ଗାଡ଼ିରେ ପେଟ୍ରୋଲ ଓ ଡିଜେଲ୍ ଭରୁଥିଲେ । ଫଳରେ ମହାକାଳପଡ଼ା ଅଞ୍ଚଳର ବହୁ ଲୋକ ଏହାର ସୁବିଧା ନେଉଥିଲେ । କିନ୍ତୁ କ'ଣ ହେଲା କେଜାଣି ପ୍ରାୟ ଏକ ସପ୍ତାହ ହେବ ଏହି ପେଟ୍ରୋଲ ପମ୍ପରେ ତାଲା ଝୁଲୁଛି । ଫଳରେ ଯେଉଁମାନେ ଏହି ଟାଙ୍କି ଉପରେ ନିର୍ଭର କରି ଇନ୍ଧନ ଭରୁଥିଲେ ସେମାନେ ସମସ୍ୟାରେ ପଡ଼ିଯାଇଛନ୍ତି । ଅନେକ ଗାଡ଼ି ପେଟ୍ରୋଲ ପମ୍ପକୁ ଆସି ଫେରିଯାଉଛନ୍ତି । ଜମ୍ବୁ-ମାର୍ଶାଘାଇ କେନାଲ୍ ରାସ୍ତା ପାର୍ଶ୍ୱରେ ମହାକାଳପଡ଼ା ଗଡ଼ା ଠାରେ ଥିବା ଏହି ଟାଙ୍କି ଉପରେ ମହାକାଳପଡ଼ା, ମଙ୍ଗଳପୁର, ବରକନ୍ଦା, ପେଟଛେଲା, ବଉଳକଣି, ବାରଡାଙ୍ଗ, ଦେଉଳପଡ଼ା, ବିଜୟନଗର, ଅଳାଇଲୋ ପ୍ରଭୃତି ପଞ୍ଚାୟତର ଗ୍ରାହକମାନେ ଉପକାର ପାଉଥିଲେ । କାରଣ ମହାକାଳପଡ଼ା ଠାରୁ ମାର୍ଶାଘାଇ ତେଲ ଟାଙ୍କିର ଦୂରତା ହେଉଛି ୧୫ କିଲୋମିଟର । ତେଣୁ ଏଠାରେ ଥିବା ଟାଙ୍କିର ଗୁରୁତ୍ୱ ବହୁତ ଥିଲା । ଖାଲି ସେତିକି ନୁହେଁ ଜମ୍ବୁ-ମାର୍ଶାଘାଇ ରାସ୍ତା ଦେଇ ଯାଉଥିବା ପରିବହନ ଗାଡ଼ି, ଯାତ୍ରୀବାହୀ ଗାଡ଼ି ଏଠାରେ ଇନ୍ଧନ ଭରୁଥିଲେ । ତେବେ କେଉଁ କାରଣ ପାଇଁ ଏହା ବନ୍ଦ ହୋଇଛି ଯାହାକୁ ନେଇ ଭିନ୍ନ ଭିନ୍ନ କଥା ମହାକାଳପଡ଼ା ଅଞ୍ଚଳରେ ଆଲୋଚନା ହେଉଛି ।

# ସମୃଦ୍ଧିର ମାର୍ଗ:ଏମଏସଏମଇ ଋଣ ଉପଲବ୍ଧତାର ସରଳୀକରଣ

**ଡକ୍ଟର ଇ.ବିଜୟା**
ଅଧ୍ୟାପିକା, ଜାତୀୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ହାଇଦ୍ରାବାଦ

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ଭାରତୀୟ ଅର୍ଥ ବ୍ୟବସ୍ଥାର ମେରୁଦଣ୍ଡ ସଦୃଶ, କାରଣ ସେମାନେ ରାଷ୍ଟ୍ରର ଦୀର୍ଘକାଳୀନ ଆର୍ଥିକ ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ଏହି କ୍ଷେତ୍ରର ସକ୍ରିୟତା ବ୍ୟାପକ ଉତ୍ପାଦ ଓ ସେବାର ଉତ୍ପାଦନ କ୍ଷେତ୍ରକୁ ବ୍ୟାପ୍ତ, ଯାହା ଉଭୟ ଘରୋଇ ଏବଂ ବୈଶ୍ୱିକ ବଜାରର ଚାହିଦା ପୂରଣ କରିଆସୁଛି । ଏଥିପାଇଁ ସରକାର ଓ ହିତଧାରକ ମାନଙ୍କ ନିମନ୍ତେ ଉପଯୁକ୍ତ ନୀତିଗତ ସହାୟତା ଯୋଗାଇ ଦିଆଯାଇଛି । ତେବେ ଭାରତୀୟ ଅର୍ଥ ବ୍ୟବସ୍ଥାର ମେରୁଦଣ୍ଡ ହୋଇଥିବା ସତ୍ତ୍ୱେ ଏମଏସଏମଇକୁ ଋଣ ପ୍ରାପ୍ତି କ୍ଷେତ୍ରରେ ଯଥେଷ୍ଟ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା । ପାରମ୍ପରିକ ଧାରାରେ ସେମାନେ ପାଣ୍ଠି ଯୋଗାଡ଼ କରୁଥିଲେ । ଏହା ବ୍ୟତୀତ ଏମଏସଏମଇକୁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଏବଂ ଉପଭୋକ୍ତା ମାନଙ୍କ ଚାହିଦା ଅନୁସାରେ ସାମଗ୍ରୀ ଯୋଗାଣ, ଡିଜିଟାଲ ବ୍ୟବସ୍ଥାର ଅନୁପସ୍ଥିତି ଭଳି ସମସ୍ୟା ସେମାନଙ୍କ ଚିନ୍ତାକୁ ଆହୁରି ବଢାଇ ଦେଇଥିଲା ଏବଂ ଏହା ସେମାନଙ୍କ ବିକାଶକୁ ମଧ୍ୟ ବ୍ୟାହତ କରୁଥିଲା ।

ଭାରତ ସରକାରଙ୍କ କ୍ଷୁଦ୍ର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ଏମଏସଏମଇ କ୍ଷେତ୍ରକୁ ବିଭିନ୍ନ ପ୍ରକାର ଯୋଜନା ଓ କାର୍ଯ୍ୟକ୍ରମ ମାଧ୍ୟମରେ ଋଣ ଯୋଗାଣ, ପ୍ରଯୁକ୍ତିଗତ ସହାୟତା, ସଂସାଧନ ବିକାଶ, କୌଶଳ ବିକାଶ ଓ ବଜାର ସହାୟତା ଜରିଆରେ ସକଳ ପ୍ରକାର ନୀତିଗତ ସମର୍ଥନ ଓ ସହାୟତା ସକ୍ରିୟତାର ସହ ଯୋଗାଇ ଆସୁଛି । ଗତ ଏକ ଦଶନ୍ଧି ମଧ୍ୟରେ ଦେଶର ଏମଏସଏମଇ କ୍ଷେତ୍ରରେ ଏଭଳି ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି, ଯାହାକି ଭାରତୀୟ ଅର୍ଥନୀତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିଯୁକ୍ତି ସୁଯୋଗ ସୃଷ୍ଟି କାର୍ଯ୍ୟକ୍ରମ (ପିଏମ୍‌ଇଜିପି) ଯୋଜନା ଗ୍ରାମାଞ୍ଚଳ ତଥା ସହରାଞ୍ଚଳ କ୍ଷେତ୍ରରେ ନୂଆ ନୂଆ ଆତ୍ମନିଯୁକ୍ତି ଉପକ୍ରମ/ ପ୍ରକଳ୍ପ/ ଅଣୁ ଉଦ୍ୟୋଗ ଆଦି ସ୍ଥାପନ କରି କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି ପାଇଁ ଲକ୍ଷ୍ୟ ରଖିଛି । ପିଏମ୍‌ଇଜିପି ଅଧୀନରେ ମହିଳା ହିତଧାରକ ମାନଙ୍କୁ ଅଧିକ ସବ୍‌ସିଡି ଯୋଗାଇ ଦିଆଯାଉଛି । ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଦିନ ଠାରୁ ପିଏମଇଜିପି ଅଧୀନରେ ୨,୫୯,୩୩୯ ମହିଳା ଉଦ୍ୟୋଗୀଙ୍କ ପ୍ରକଳ୍ପକୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ଏନଏସଏସଓର ୭୩ତମ ଏନଏସଏସ ପର୍ଯ୍ୟାୟ ରିପୋର୍ଟ ଅନୁସାରେ ଦେଶରେ ଏମଏସଏମଇ କ୍ଷେତ୍ରରେ ୧,୨୩,୯୦,୫୨୩ ମହିଳା ମାନଙ୍କ ମାଲିକାନାରେ ଥିବା ଉଦ୍ୟୋଗ ରହିଛି ।

ଅଣୁ ଓ କ୍ଷୁଦ୍ର ଉଦ୍ୟୋଗୀଙ୍କ ପାଇଁ ଋଣ ଗ୍ୟାରେଣ୍ଟି ପାଣ୍ଠି ଯୋଜନା (ସିଜିଟିଏମଏସଇ) କୌଣସି ପ୍ରକାର ବନ୍ଧକ ବିନା ୫୦ କୋଟିର ଋଣ ଗ୍ୟାରେଣ୍ଟି ଏମଏସଏମଇ ସଂସ୍ଥା ମାନଙ୍କୁ ଯୋଗାଇ ଦେବାର ପ୍ରାବଧାନ ରହିଛି । ଏହାଫଳରେ ଆର୍ଥିକ ଅନୁଷ୍ଠାନ ମାନଙ୍କର ଆଶଙ୍କା ଯଥେଷ୍ଟ ମାତ୍ରାରେ ହ୍ରାସ ପାଇଛି । ଅଦ୍ୟାବଧି ସିଜିଟିଏମଏସଇ ଦେଶର ୮୨.୨୮ ଲକ୍ଷ ୟୁନିଟ୍‌କୁ ୫.୭୫ ଲକ୍ଷ କୋଟି ଟଙ୍କାର ଋଣ ଗ୍ୟାରେଣ୍ଟି ପ୍ରଦାନ କରିଛି । ଏହାଫଳରେ ସେହିସବୁ ଉଦ୍ୟୋଗରେ ୨.୧୪ କୋଟିରୁ ଅଧିକ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି ।

ସିଜିଟିଏମଏସଇ କେନ୍ଦ୍ର ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ସହିତ ମିଶି ଏହି ଶିଳ୍ପ କ୍ଷେତ୍ର ଏବଂ ପ୍ରମୁଖ ଋଣ ପ୍ରଦାନକାରୀ ଅନୁଷ୍ଠାନମାନଙ୍କ ନିମନ୍ତେ ଅନେକ ଗୁଡ଼ିଏ ସଚେତନତା କାର୍ଯ୍ୟକ୍ରମ ସୃଷ୍ଟି କରିଛି । ସିଜିଟିଏମଏସଇ ପାଣ୍ଠି ମଞ୍ଜୁର ହେବା ଦିନ ଠାରୁ ବିଗତବର୍ଷ ମାନଙ୍କରେ ଏମଏସଏମଇ ସଂସ୍ଥା ଗୁଡିକରେ କାରବାର ବୃଦ୍ଧି ପାଇଛି ତଥା ନିଯୁକ୍ତି ସଂଖ୍ୟା ମଧ୍ୟ ବଢ଼ିଛି । ଏମଏସଏମଇ କ୍ଷେତ୍ରର ୬ଟି ପ୍ରମୁଖ କ୍ଷେତ୍ର ଯଥା- ପ୍ରଯୁକ୍ତି ପର୍ଯ୍ୟାନ୍ତରୀକରଣ, କୌଶଳ ଉନ୍ନୟନ, ବଜାର ବିକାଶ, ଯୋଗାଣର ପୋଷନୀୟତା, ଆର୍ଥିକ ପ୍ରଭାବ ଓ ସାମାଜିକ ପ୍ରଭାବକୁ ଏହା ସକରାତ୍ମକ ପ୍ରୋତ୍ସାହନ ଯୋଗାଇଛି । ଚଳିତ ଆର୍ଥିକ ବର୍ଷର କାର୍ଯ୍ୟକ୍ରମରୁ ଏହା ସୁସ୍ପଷ୍ଟ । ଚଳିତବର୍ଷ ଜାନୁଆରୀ ୩୦ ତାରିଖ ସୁଦ୍ଧା ଏହିସବୁ ସଂସ୍ଥା ମାନଙ୍କୁ ୧.୫ ଲକ୍ଷ କୋଟିର ଗ୍ୟାରେଣ୍ଟିଯୁକ୍ତ ଋଣ ଯୋଗାଯାଇ ଏକ ନୂଆ କୀର୍ତ୍ତିମାନ ସୃଷ୍ଟି ହୋଇଛି । ଏହା ୧୦ ମାସର ଉପଲବ୍ଧି । ଗତ ବର୍ଷକ ମଧ୍ୟରେ ୧.୦୪ ଲକ୍ଷ କୋଟି ଟଙ୍କାର ଗ୍ୟାରେଣ୍ଟି ଋଣ ମଞ୍ଜୁର କରାଯାଇଥିଲା । ଏହି ସିଜିଟିଏମ୍‌ଏସଇର କାର୍ଯ୍ୟଦକ୍ଷତା ବୃଦ୍ଧିକୁ ଦର୍ଶାଉଛି ।

ଋଣ ସଂଯୋଗୀ ପୁଞ୍ଜି ସବ୍‌ସିଡି ଏବଂ ପ୍ରଯୁକ୍ତି ଉନ୍ନତିକରଣ ଯୋଜନା (ସିଏଲସିଟି-ଟିୟୁଏସ୍) ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ମନୋଭାବକୁ ପ୍ରୋତ୍ସାହିତ କରୁଛି । ଲିନ୍ ଉତ୍ପାଦନ ମାଧ୍ୟମରେ ବର୍ଜ୍ୟ ହ୍ରାସ, ଡିଜାଇନ୍‌ର ଉନ୍ନତିକରଣକୁ ସହାୟତା, ବୌଦ୍ଧିକ ସମ୍ପତ୍ତି ଅଧିକାର, ଜିରୋ ଡିଫେକ୍ଟ-ଜିରୋ ଇଫେକ୍ଟ ଯୋଜନା ସମ୍ପର୍କରେ ସଚେତନତା ବୃଦ୍ଧି, ଡିଜିଟାଲ ଏମଏସଏମଇ ମାଧ୍ୟମରେ ସଶକ୍ତିକରଣ ଏବଂ ଏପର୍ଯ୍ୟନ୍ତ ଆହରଣ କରାଯାଇନଥିବା ବ୍ୟକ୍ତିଗତ ସୃଜନଶୀଳତାକୁ ପ୍ରୋତ୍ସାହନ ମଧ୍ୟ ଏହି ବ୍ୟବସ୍ଥାକୁ ଆହୁରି ସକ୍ରିୟ କରିଛି । ଫଳରେ ଏମଏସଏମଇ ସଂସ୍ଥାମାନେ ସାରା ଦେଶରେ ଇନକ୍ୟୁବେସନ ମାଧ୍ୟମରେ ସର୍ବାଧୁନିକ ପ୍ରଯୁକ୍ତି ଏବଂ ଉତ୍ପାଦନ ଜ୍ଞାନ ଏବଂ ନବସୃଜନର ପଦ୍ଧତି ଉପଯୋଗ କରିପାରିଛନ୍ତି ।

**ଫିନରାଇଜ:** ଜାତୀୟ ଏମଏସଏମଇ ପ୍ରତିଷ୍ଠାନ ଠାରେ ୨୦୨୪ ମସିହା ଜାନୁଆରୀ ୨୪ ତାରିଖ ଦିନ ପୋଷଣୀୟ ଉଦ୍ୟୋଗ ମାନଙ୍କ ନିମନ୍ତେ ଆର୍ଥିକ ଗବେଷଣା ଏବଂ ନବସୃଜନ ସଂସ୍ଥା ଗଠନ କରାଯାଇଛି । ଏଥିରେ ସିଡବି ଏବଂ ସିଜିଟି ଏମଏସ୍‌ଇଙ୍କ ଠାରୁ ମିଳିତ ସହାୟତା ପାଣ୍ଠି ଆଣି ଏକ ପାଣ୍ଠି ଗଠନ କରାଯାଇଛି, ଯାହାକି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଙ୍କ ଆବଶ୍ୟକତାକୁ ପୂରଣ କରି ଏକ ଉତ୍କର୍ଷ କେନ୍ଦ୍ର ଭାବେ କାର୍ଯ୍ୟ କରିବ ଏବଂ ସେମାନଙ୍କୁ ଋଣ ପ୍ରଦାନ କରିବାକୁ ସକ୍ଷମ ହେବ । ଏହାବ୍ୟତୀତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ସଂସ୍ଥାମାନଙ୍କ ମଧ୍ୟରେ ପ୍ରଶାସନ ଓ ଆର୍ଥିକ ପରିଚାଳନାକୁ ପ୍ରୋତ୍ସାହନ ଯୋଗାଇବ । ଆର୍ଥିକ ଜ୍ଞାନ ଏବଂ ଶ୍ରେଷ୍ଠ କାର୍ଯ୍ୟ ପ୍ରଦର୍ଶନକୁ ଗଣତାନ୍ତ୍ରିକ ପଦ୍ଧତିରେ ଏମଏସଇ ପରିବେଶ ମଧ୍ୟରେ ଏହା ପ୍ରସାର କରିବ ।

**ଅସଂଗଠିତ ଅଣୁ ଉଦ୍ୟୋଗ ନିମନ୍ତେ ସ୍ୱତନ୍ତ୍ର ଯୋଜନା:** ଏହି ଯୋଜନାକୁ ଭାରତ ସରକାରଙ୍କ ଏମଏସଏମଇ ବିଭାଗ ମନ୍ତ୍ରୀ ନାରାୟଣ ରାଣେ ଉଦ୍ଘାଟନ କରିଛନ୍ତି । ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ ମାନଙ୍କ ପାଇଁ ଋଣ ଗ୍ୟାରେଣ୍ଟି ପାଣ୍ଠି ଟ୍ରଷ୍ଟ ଗଠନ କରାଯାଇଛି । ୨୦୨୪ ମସିହା ଫେବୃଆରୀ ୧୪ ତାରିଖ ଦିନ ଉତ୍ତରପ୍ରଦେଶରେ ୪ଟି ପ୍ରଯୁକ୍ତି କେନ୍ଦ୍ର ଉଦ୍ଘାଟନ ଅବସରରେ ଏହି ଟ୍ରଷ୍ଟ ଗଠନ କରାଯାଇଛି । ଏହି ଯୋଜନା ଅଣୁ/ନାନୋ ଉଦ୍ୟୋଗ ମାନଙ୍କୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଣ କରିପାରିବ ଏବଂ ଋଣ ଅସୁଲ କ୍ଷେତ୍ରରେ ଥିବା ସମସ୍ୟାକୁ ମଧ୍ୟ ସହାୟକ ହେବ । ସେହିଭଳି ଆଇଏମଇକୁ ଅଧିକ ଋଣ ଯୋଗାଣ ନିମନ୍ତେ ପ୍ରମୁଖ ଋଣ ଯୋଗାଣକାରୀ ସଂସ୍ଥାମାନଙ୍କୁ ପ୍ରବର୍ତ୍ତାଇବ । ଏହିସବୁ ଉପକ୍ରମ ପ୍ରବର୍ତ୍ତନ କରାଯିବା ଫଳରେ ଏହା କେବଳ ବ୍ୟକ୍ତିଗତ ଉଦ୍ୟୋଗୀ ମାନଙ୍କୁ ସଶକ୍ତ କରିବ ତାହାନୁହେଁ, ଦେଶର ଆର୍ଥିକ ବାତାବରଣରେ ଏକ ସମାବେଶୀ ସକ୍ରିୟ ଓ ସହନଶୀଳ ପରିବେଶ ସୃଷ୍ଟି କରିବ ।

ଅଧିକନ୍ତୁ କାର୍ଯ୍ୟକାରୀ ହେଉଥିବା ଏହିସବୁ ଯୋଜନା ଗୁଡ଼ିକ ସହିତ ସରକାର ଦେଶର ଏମଏସଏମଇ ସଂସ୍ଥା ମାନଙ୍କୁ ସହଜରେ ଋଣ ଉପଲବ୍ଧ କରାଇବା ଲାଗି ଆହୁରି ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ସେଥିମଧ୍ୟରୁ କେତେଗୋଟି ନିମ୍ନରେ ପ୍ରଦାନ କରାଗଲା ।

-୧୧.୦୧.୨୦୨୩ ତାରିଖ ଦିନ ଅସଂଗଠିତ ଅଣୁ ଉଦ୍ୟୋଗ ଗୁଡ଼ିକୁ ଏମଏସଏମଇର ସଂଗଠିତ ପରିବେଶ ମଧ୍ୟରୁ ଆଣିବା ସକାଶେ ଉଦ୍ୟମ ସହାୟତା ପ୍ଲାଟ୍‌ଫର୍ମର ଶୁଭାରମ୍ଭ କରାଯାଇଛି । ଏହାଫଳରେ 'ପ୍ରାୟରିଟି ସେକ୍ଟର ଲେଣ୍ଡିଂ' ଅଧୀନରେ ଅଣୁ ଉଦ୍ୟୋଗଗୁଡ଼ିକ ସବୁ ସୁବିଧା ପାଇପାରିବେ ।

- ଖୁଚୁରା ଏବଂ ପାଇକାରୀ ବ୍ୟବସାୟୀମାନଙ୍କୁ ଏମଏସଏମଇ ମାନ୍ୟତାରେ ସାମିଲ କରାଯାଇଛି । ଏହାଫଳରେ ୦୨.୦୭.୨୦୨୧ ଠାରୁ ସେମାନେ 'ପ୍ରାୟରିଟି ସେକ୍ଟର' ଲେଣ୍ଡିଂ ସୁବିଧା ପାଇପାରୁଛନ୍ତି ।

- ଏମଏସଏମଇର ଉର୍ଦ୍ଧ୍ୱମୁଖୀ ପରିବର୍ତ୍ତନ ମାନ୍ୟତା କ୍ଷେତ୍ରରେ ଅଣ ଟିକିସ ସୁବିଧା ରିହାତିକୁ ୩ ବର୍ଷ ପର୍ଯ୍ୟନ୍ତ ବଢାଇ ଦିଆଯାଇଛି ।

- ବିପଣନ ଆହରଣଯୋଗ୍ୟ ଡିସକାଉଣ୍ଟ ବ୍ୟବସ୍ଥା (ଟିଆରଇଡିଏସ୍) ଲାଗୁ କରାଯାଇଛି । ଏହାଫଳରେ ଏମଏସଏମଇ ସଂସ୍ଥାମାନେ ଆହରଣ କରୁଥିବା ବାଣିଜ୍ୟିକ ଅର୍ଥ ପ୍ରାପ୍ତି ସୁଗମ ହୋଇଛି । ଏମଏସଏମଇ ସଂସ୍ଥାମାନେ କର୍ପୋରେଟ ଏବଂ ଅନ୍ୟ କ୍ରେତା ଯଥା- ସରକାରୀ ବିଭାଗ ଓ ପିଏସ୍‌ୟୁ ମାନଙ୍କୁ ବିବିଧ ଆର୍ଥିକ କାରବାରକାରୀ ସଂସ୍ଥା ମାନଙ୍କ ଜରିଆରେ ସାମଗ୍ରୀ ଯୋଗାଇ ଦିଆଯାଉଛି ।

- ଆତ୍ମନିର୍ଭରଶୀଳ ଭାରତ ପାଣ୍ଠିରେ ୫୦ ହଜାର କୋଟି ଟଙ୍କା ଇକ୍ୟୁଟି ନିବେଶ କରାଯାଇଛି । ଭାରତ ସରକାରଙ୍କ ଠାରୁ ୧୦ ହଜାର କୋଟି ପର୍ପସ ଆହରଣ ପାଇଁ ଏହି ଯୋଜନାରେ ପ୍ରାବଧାନ ରହିଛି ।

- 'ରାଇଜିଂ ଏବଂ ଆସିଲେରେଟିଂ ଏମ୍‌ଏସଏମଇ ପରଫର୍ମାନ୍ସ (ରାମ୍ପ) ଯୋଜନାକୁ ୫ ବର୍ଷ ପାଇଁ ୬ ହଜାର କୋଟି ଟଙ୍କା ପ୍ରାବଧାନ ସହ ଆରମ୍ଭ କରାଯାଇଛି ।

ଭାରତ ସରକାରଙ୍କ ଏମଏସଏମଇ ମନ୍ତ୍ରଣାଳୟ ନିଜର ପ୍ରତିବଦ୍ଧତାରେ ସଦାବେଳେ ଅଟଳ ଓ ଦୃଢ଼ ରହିଆସିଛି । ଦେଶର ବିକାଶ ଯାତ୍ରାରେ ଏମଏସଏମଇକୁ ସାମିଲ କରିବା ନିମନ୍ତେ ଏହା ନୂଆ ନୂଆ ଯୋଜନାମାନ ପ୍ରସ୍ତୁତ କରିଚାଲିଛି । ସେଥିପାଇଁ ବନ୍ଧକବିହୀନ ଋଣ ଯୋଗାଣ ଏବଂ ଋଣନୀତି ଓ ଦକ୍ଷତା ବୃଦ୍ଧି କରି ଏମଏସଏମଇ ସଂସ୍ଥାମାନଙ୍କୁ ସଶକ୍ତ କରାଯାଉଛି । ଯାହାଫଳରେ ଦେଶର ଅସଂଖ୍ୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀଙ୍କ ସ୍ୱପ୍ନ ସାକାର ହେଉଛି ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ୱତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୯।୨।୨୦୨୪, ଫାଲ୍‌ଗୁନ ଦ୧୭ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୦୬।୦୭।୫୩ ଚନ୍ଦ୍ରୋଦୟ- ରାଘ ୯।୪୮।୧୧**

ପଞ୍ଚମୀ- ଅହୋରାତ୍ର । ଚିତ୍ରା ନକ୍ଷତ୍ର- ଦିଘ ୧୦।୨୨ ପର୍ଯ୍ୟନ୍ତ । ତୁଳା ଚନ୍ଦ୍ର - ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ ଓ ମକର ରାଶିର । **ଘାତଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧ ନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୧ ଗତେ ଘ ୭।୪୪ ମଧ୍ୟେ । ଦିଘ ୧୦।୫୦ ଗତେ ଘ ୧୧।୦୮ ମଧ୍ୟେ ।



**ମେଷ:** ଦୂରଯାତ୍ରାରେ ଆନନ୍ଦ ଲାଭ । ବନ୍ଧୁ ମିଳନରେ ଆପ୍ୟାୟିତ ହେବେ । କର୍ମକ୍ଷେତ୍ରରେ ପ୍ରାଧାନ୍ୟ ବଢ଼ିବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସହଯୋଗ ଲାଭ କରିବେ । ଶାରୀରିକ ସୁସ୍ଥତା ଅନୁଭବ କରିବେ ।



**ବୃଷ:** କର୍ମକ୍ଷେତ୍ରରେ ସହଯୋଗ ପାଇ ବେଶ୍ ଆଗେଇ ଚାଲିବେ । ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସା ଲାଭ କରିବେ । ଆୟ ଓ ବ୍ୟୟ ସାଧାରଣତଃ ସମାନ ରହିବ । ଘରେ ଶାନ୍ତି ଲାଭ ହେବାର ସୂଚନା ।



**ମିଥୁନ:** ଆତଙ୍କିତ ଅବସ୍ଥାରେ ଆଜି ଦିନଟି ବିତିବ । କର୍ମକ୍ଷେତ୍ରରେ ଜୟଯୁକ୍ତ ହୋଇ କାର୍ଯ୍ୟକ୍ରମ ହାତକୁ ନେବେ । ଆୟର ପରିମାଣ ସାମାନ୍ୟ ବଢ଼ିବ । ଘରେ ଅଶାନ୍ତି ସୃଷ୍ଟି ହେବ । ଠକାମିର ଶିକାର ହେବେ ।



**କର୍କଟ:** ହିତ ବିପରୀତ ପରି କାର୍ଯ୍ୟ କରିଚାଲିବେ । ଆପଣ ଭଲ କଥାଟେ କହିଲେ ମଧ୍ୟ କେହି ଗ୍ରହଣ କରିବେ ନାହିଁ । ଅଯଥା ବାଦବିବାଦ ସୃଷ୍ଟି ହେବ । ଆୟ ଓ ବ୍ୟୟ ସମାନ ରହିବ । ଘରେ କଳହ ଦେଖାଦେଇପାରେ ।



**ସିଂହ:** କର୍ମକ୍ଷେତ୍ରରେ ସହକାରୀ ତଥା ସହକର୍ମୀ ସହଯୋଗ ଲାଭ କରି ଆନନ୍ଦିତ ହେବେ । ଉଚ୍ଚ ଆଶା କ୍ରମେ ଫଳବତୀ ହେବ । ଆୟରେ ସାମାନ୍ୟ ଅଗ୍ରଗତି । ପାରିବାରିକ କଳହ ସୃଷ୍ଟି ହେବ । ମନ ଅସ୍ଥିର ରହିବ ।



**କନ୍ୟା:** ମନରେ ଶାନ୍ତି ଆସିବ । ଯେକୌଣସି କାମ କରିବା ପାଇଁ ମନରେ ଉତ୍ସାହ ଜନ୍ମ ନେବ । ଆଶାବାଦୀ ହୋଇ କାର୍ଯ୍ୟକ୍ରମ ମାନ ହାତକୁ ନେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ପ୍ରାପ୍ତ ହେବ ।



**ତୁଳା:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ପୁରାତନ କାର୍ଯ୍ୟ ମାନ ପରି ସମାପ୍ତି ହେବ । ନୂତନ କର୍ମ ପ୍ରାପ୍ତିର ସୂଚନା । ରୋଜଗାରରେ ଅଗ୍ରଗତି ହେବ । ପାରିବାରିକ ସହଯୋଗ ଲାଭ ହେବ । ବନ୍ଧୁ ଦର୍ଶନ ।



**ବିଛା:** ଯେତେ ଚେଷ୍ଟା କଲେ ମଧ୍ୟ ଅପବ୍ୟୟରୁ ବର୍ତ୍ତିପାରିବେ ନାହିଁ । ଶତ୍ରୁମାନେ ପରାସ୍ତ ହେବେ । କର୍ମକ୍ଷେତ୍ରରେ ପରିଶ୍ରମ ବୃଦ୍ଧିର ସୂଚନା । ରୋଜଗାରରେ ସ୍ଥିରତା । ପାରିବାରିକ ଶାନ୍ତି ପ୍ରାପ୍ତି ହେବ ।



**ଧନୁ:** କର୍ମକ୍ଷେତ୍ରରେ ସହକର୍ମୀ ମାନଙ୍କ ସହଯୋଗ ଲାଭ କରିବା ସହିତ ଅଗ୍ରଗତି କରିଚାଲିବେ । ଆୟର ପରିମାଣ କ୍ରମଶଃ ବଢ଼ି ଚାଲିବ । ବନ୍ଧୁ ସହଯୋଗ ମିଳିବ । ପରିବାରରେ ଶ୍ରମ ବୃଦ୍ଧି ପାଇବ । ମନ ଭଲ ରହିବ ।



**ମକର:** କର୍ମ ସଂସ୍ଥାନରେ ଉପରିସ୍ଥ କର୍ମକର୍ତ୍ତାଙ୍କ ଦ୍ୱାରା ପ୍ରଶଂସା ଲାଭ ହେବ । ନିଜର କର୍ତ୍ତବ୍ୟ ନିଷ୍ଠା ପ୍ରତିପାଦିତ କରିପାରିବେ । ଆୟ ଓ ବ୍ୟୟ ପ୍ରାୟ ସମାନ ରହିବ । ଘରେ ଜଞ୍ଜାଳ ବୃଦ୍ଧି ହେବାର ସୂଚନା ।



**କୁମ୍ଭ:** କର୍ମ କ୍ଲାନ୍ତି ଅନୁଭବ କରିବେ । ଅସହଯୋଗର ମାତ୍ରା ବଢ଼ିବ । ମତାନ୍ତର ସୃଷ୍ଟି । ଏଣୁ ବିଶ୍ରାମ ଶ୍ରେୟ ଜ୍ଞାନ କରିବେ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତି ପ୍ରାପ୍ତି ହେବାର ସୂଚନା । ଦେହ ଭଲ ରହିବ ।



**ମୀନ:** କର୍ମ ବ୍ୟସ୍ତତା ମଧ୍ୟରେ ସାରା ଦିନ ରହିବେ । ଦୂରଯାତ୍ରା କରିପାରନ୍ତି । ସମୟାନୁବର୍ତ୍ତିତା ହେତୁ ଉପବାସରେ ଦିନ କାଟିବେ । ଆୟରେ ବାଧାର ସମ୍ଭାବନା । ପରିବାରରେ ସୁଖ ପ୍ରାପ୍ତି ହେବ । ମହିଳାମାନେ ସୁଖୀ ହେବେ ।



# ୧୩ତମ ଯୁବା ବାସ୍କେଟ୍ ବଲ୍:ଛତିଶଗଡ଼ ଚାମ୍ପିଅନ୍

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଛତିଶଗଡ଼ର ଫରେଷ୍ଟ ଓ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା ୪୦/୪୩, ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ହୋଇଥିଲେ ବସଂଥନ । ଚାମ୍ପିଅନ ଦଳକୁ ଟ୍ରଫି ସହ ୩୫ ହଜାର ଓ ରନର୍ସ ଦଳକୁ ଟ୍ରଫି ସହ ୧୫ ହଜାର ଓ ୩ୟ ଟିମ୍‌କୁ ଟ୍ରଫି ସହ ୭୦୦୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ମୁଖ୍ୟ ଅତିଥି ବିଧାୟକ ଅନନ୍ତ ନାରାୟଣ ଜେନା ଓ ସମ୍ମାନୀୟ ଅତିଥି ରୂପେ କର୍ପୋରେଟର ରାଜକିଶୋର ଦାସ, ମୁଖ୍ୟ ଉପଦେଷ୍ଟା ସରୋଜ କୁମାର ପାତ୍ର, ଟାରାଣ୍ଟୋ ମୁଖ୍ୟ ଜଙ୍ଗେଶ୍ୱର ମହାପାତ୍ର, ଜସବନ୍ତ ମୋଦି ଓ ସଭାପତି ବିଶ୍ୱଜିତ ମହାନ୍ତି, ସଂପାଦକ ଦେବାଶିଷ ଚକ୍ର, ଅଜୟ ଦାଶ, ସଚିନନ୍ଦନ ନାୟକ, ବିଶ୍ୱପ୍ରସାଦ ମହାନ୍ତି, ସିଦ୍ଧାନ୍ତ ଦାସ, ମନୋରଞ୍ଜନ ଗରାବଡୁ, ମିଥୁନ ବିଶୋଇ, ସବ୍ୟସାଚୀ ରାୟ, ଦୀପକ କୁମାର ପ୍ରଧାନ, ପ୍ରଶାନ୍ତ ବେହେରା, ପ୍ରହଲାଦ ବେହେରା, ଆଦର୍ଶ ପଟ୍ଟନାୟକ ଉପସ୍ଥିତ ଥିଲେ । ରାଜ୍ୟର ସ୍ୱନାମଧନ୍ୟ ଖେଳାଳି ସୌଭାଗ୍ୟ ଓଝା, ଜିଏମ୍ ଅଳକା ନନ୍ଦ, କେ. ବିବେକ, ଲିଜାଲିନ ଜେନାଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଟୁର୍ଣ୍ଣାମେଣ୍ଟର ସଫଳତା ପାଇଁ ସଂଗଠନର ପ୍ରତିଷ୍ଠାତା ସରୋଜ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ଇଶାନ ଏବଂ ଶ୍ରେୟସଙ୍କୁ କେନ୍ଦ୍ରୀୟ ଚୁକ୍ତିରୁ ବାହାର କଲା ବିସିସିଆଇ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

e-paper www.sambadkalika.in

ସମ୍ବାଦ କଳିକା TM

E-mail : sambadkalikanews@gmail.com

The Sambad Kalika

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ବର୍ଦ୍ଧିଣୀ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

• ବର୍ଷ–୩୧ • ସଂଖ୍ୟା–୩୪ • ୨୯ ଫେବୃୟାରୀ ୨୦୨୪, ଗୁରୁବାର • ଭୁବନେଶ୍ୱର • Vol -31 • Issue-34 • 29th February 2024, Thursday • Bhubaneswar | Licensed to post without pre-payment of postage No- BN-60/22-24







# ବାଲେଶ୍ୱର ଶଙ୍ଖାରିରେ ମନ୍ମଥ-ମନୋଜ ସ୍ମୃତି ପୀଠ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୮।୨**

**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ବାଲେଶ୍ୱର ଜିଲ୍ଲାରେ ୨୨୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିବା ସହିତ ମହାନ୍ ବରପୁତ୍ର ମନ୍ମଥ ଦାସ ଓ ମନୋଜ ଦାସଙ୍କ ସ୍ମୃତି ପୀଠ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଉଭୟ ମନ୍ମଥ ଦାସ ଓ ମନୋଜ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସେମାନଙ୍କର ପ୍ରତିଭା ଓ ଜ୍ଞାନ ବଳରେ ସେମାନେ ସାରା ଦେଶକୁ ଗର୍ବିତ କରିଛନ୍ତି। ଇତିହାସ ଓ ସାହିତ୍ୟ କ୍ଷେତ୍ରରେ ସେମାନଙ୍କ ଅବଦାନ ସେମାନଙ୍କୁ ଅମର କରି ରଖିଛି ବୋଲି ସେ କହିଥିଲେ। ଏହି ସ୍ମୃତି ପୀଠ ପ୍ରତିଷ୍ଠାରେ ମନ୍ମଥ ଦାସ ଓ ମନୋଜ ଦାସଙ୍କ ପରିବାର ସମ୍ପୂର୍ଣ୍ଣ ସହଯୋଗ କରିଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଧନ୍ୟବାଦ ଦେଇଥିଲେ।



ଏହି ଅବସରରେ ମୁଖ୍ୟମନ୍ତ୍ରୀ ନୀଳଗିରିର ଜନଜାତି ଭାଇ-ଭଉଣୀଙ୍କ ପାଇଁ 'ଲାଭ' ଯୋଜନାର ଶୁଭାରମ୍ଭ କରିଥିଲେ। ଏହାଦ୍ୱାରା ସେମାନେ ଲଘୁ ବନଜାତ ଦ୍ରବ୍ୟ ଉପରେ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ପାଇଲେ। ଏହା ସହିତ ରେମୁଣା ବିଜ୍ଞାପିତ ଅଞ୍ଚଳ ପରିଷଦର ବସ୍ତି ଲୋକଙ୍କୁ 'ଜାଗା ମିଶନ'ରେ ଜମି ଅଧିକାର ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା।

ସେ କହିଥିଲେ ଯେ, ୫-ଟି ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତ ସମୟରେ ବାଲେଶ୍ୱରର ଲୋକମାନେ ଯେଉଁ ପ୍ରସ୍ତାବ ଦେଇଥିଲେ, ତାକୁ ଭିତ୍ତିକରି ସେ ବୁଧବାର ଜିଲ୍ଲାରେ ୨୨୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ବାଲେଶ୍ୱର ସହର ପାଇଁ *(ପୃଷ୍ଠା ୭ରେ)*

# ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କଲେ ବିଲ୍ ଗେଟ୍ସ

**ଭୁବନେଶ୍ୱର,୨୮।୨**

**ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱରକୁ ଦିନିକିଆ ଗସ୍ତରେ ଆସିଥିବା ମାଇକ୍ରୋସଫ୍ଟ ସହ ପ୍ରତିଷ୍ଠାତା ବିଲ୍ ଗେଟ୍ସ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ବିଭିନ୍ନ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି ବିଲ୍ ଗେଟ୍ସ। ଉଭୟଙ୍କ ମଧ୍ୟରେ ଆଲୋଚନାରେ ଓଡ଼ିଶାର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ, କୃଷି ଓ କୃଷକଙ୍କ ବିକାଶ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବସ୍ତି ପରିଚାଳନା ଓ ବିଭିନ୍ନ କ୍ଷେତ୍ରରେ ରୂପାନ୍ତରଣ ପ୍ରସଙ୍ଗ ସ୍ଥାନ ପାଇଥିଲା। ମୁଖ୍ୟମନ୍ତ୍ରୀ-ବିଲ୍ ଗେଟ୍ସ ଆଲୋଚନା ବେଳେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଧ୍ୟ ଉପସ୍ଥିତ ଥିଲେ।



ଏହାପୂର୍ବରୁ ମାଇକ୍ରୋସଫ୍ଟ ସହ ପ୍ରତିଷ୍ଠାତା ବିଲ୍ ଗେଟ୍ସ ବୁଧବାର ସକାଳୁ ଭୁବନେଶ୍ୱର ଲୁମ୍ବିନୀ ବିହାର ମାଆ ମଙ୍ଗଳା ବସ୍ତି ପରିଦର୍ଶନ କରିଥିଲେ। ବସ୍ତି ବୁଲିବା ସହ ବିଲ୍ ଗେଟ୍ସ ଏଠାକାର ଲୋକଙ୍କ ଜୀବନଶୈଳୀ ବୁଲି ଦେଖିଛନ୍ତି। ଘରକୁ ଘର ଯାଇ ସେମାନଙ୍କୁ ଏଠାର କ'ଣ ସବୁ ମୌଳିକ ସୁବିଧା ମିଳୁଛି ସେ ବିଷୟରେ ପଚାରି ବୁଝିଥିଲେ। ଏହାପରେ କୃଷି ଭବନ ପରିଦର୍ଶନ କରିବା ସହିତ ଗେଟ୍ସ ଫାଉଣ୍ଡେସନ୍ ସହାୟତାରେ ବିଭିନ୍ନ ବିଭାଗରେ ଚାଲିଥିବା ଯୋଜନାର ସମୀକ୍ଷା କରିଥିଲେ। କୃଷି ସମୀକ୍ଷା କେନ୍ଦ୍ର ଗେଟ୍ସ ଫାଉଣ୍ଡେସନ୍ *(ପୃଷ୍ଠା ୭ରେ)*




ସମ୍ପାଦକୀୟ

30 YEARS ସମ୍ବାଦ କଳିକା

# ଓଡ଼ିଶାରେ ଗ୍ରାମୀଣ ଖର୍ଚ୍ଚ ତିନିଗୁଣା ବୃଦ୍ଧି

ରାଜ୍ୟର ଗ୍ରାମାଞ୍ଚଳ ଅଧିବାସୀଙ୍କ ମାସିକ ମୁଣ୍ଡପିଛା ଖର୍ଚ୍ଚ ୨୯୫୦ ଟଙ୍କା। ଅର୍ଥାତ୍ ସେମାନେ ଦିନକୁ ୯୮ ଟଙ୍କା ୩୩ ପଇସାରେ ନିଜର ଗୁଜରାଣ ମେଣ୍ଟାଉଛନ୍ତି। ସହରାଞ୍ଚଳ ଅଧିବାସୀଙ୍କ ମାସିକ ହାରାହାରି ଖର୍ଚ୍ଚ ୫୧୮୭ ଟଙ୍କା ରହିଛି। ସେମାନେ ଦୈନିକ ୧୭୨ ଟଙ୍କା ୯୦ ପଇସା ଖର୍ଚ୍ଚ କରୁଛନ୍ତି। ତେବେ ଏହି ଖର୍ଚ୍ଚରେ ଓଡ଼ିଶା ବହୁ ରାଜ୍ୟ ଏବଂ ଜାତୀୟ ହାରଠାରୁ ପଛରେ ରହିଛି। ଜାତୀୟ ସ୍ତରରେ ଗ୍ରାମାଞ୍ଚଳର ମାସିକ ହାରାହାରି ଖର୍ଚ୍ଚ ୩୭୭୩ ଟଙ୍କା ଥିବା ବେଳେ ସହରାଞ୍ଚଳରେ ତାହା ୬୪୫୯ ଟଙ୍କା ରହିଛି।

ଏହା ପୂର୍ବରୁ ଆସିଥିବା ସର୍ବେକ୍ଷଣ ରିପୋର୍ଟ ୨୦୧୧-୧୨ରେ ଓଡ଼ିଶାର ଗ୍ରାମାଞ୍ଚଳରେ ମାସିକ ହାରାହାରି ମୁଣ୍ଡପିଛା ଖର୍ଚ୍ଚ ୧୦୦୩ ଟଙ୍କା ଏବଂ ସହରାଞ୍ଚଳରେ ୧୯୪୧ ଟଙ୍କା ଥିଲା। ୧୦ ବର୍ଷ ଭିତରେ ଗ୍ରାମାଞ୍ଚଳରେ ଲୋକମାନଙ୍କ ହାରାହାରି ବ୍ୟୟରେ ୧୯୪୭ ଟଙ୍କାର ବୃଦ୍ଧି ଘଟିଥିବା ବେଳେ ସହରାଞ୍ଚଳରେ ୩୨୪୬ ଟଙ୍କା ବଢ଼ିଛି। କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ପାରିବାରିକ ଉପଯୋଗିତା ଖର୍ଚ୍ଚ ସର୍ବେକ୍ଷଣ ୨୦୨୨-୨୩ ରିପୋର୍ଟ ଅନୁଯାୟୀ କେବଳ ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡର ଗ୍ରାମାଞ୍ଚଳରେ ମାସିକ ମୁଣ୍ଡପିଛା ବ୍ୟୟ ୩୦୦୦ ଟଙ୍କାରୁ କମ୍ ରହିଛି। ସହରାଞ୍ଚଳ ବ୍ୟୟରେ ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ଓଡ଼ିଶା, ମଧ୍ୟପ୍ରଦେଶ, ମଣିପୁର ଓ ଝାଡ଼ଖଣ୍ଡରେ ମାସିକ ମୁଣ୍ଡପିଛା ବ୍ୟୟ ୬୦୦୦ ଟଙ୍କାରୁ କମ୍ ରହିଛି। ଏହି ସମସ୍ତ ରାଜ୍ୟଗୁଡ଼ିକର ପ୍ରଦର୍ଶନ ଜାତୀୟ ହାରଠାରୁ ଖରାପ ରହିଛି। ରିପୋର୍ଟକୁ ନିରେଖି ଦେଖିବା ପରେ ଜଣାପଡ଼ିଛି ଯେ ମଣିପୁରର ଗ୍ରାମାଞ୍ଚଳରେ ମାସିକ ମୁଣ୍ଡପିଛା ବ୍ୟୟ ସର୍ବାଧିକ ୭୭୩୧ ଟଙ୍କା ରହିଛି। ଏହା ବ୍ୟତୀତ ଆଣ୍ଡାମାନ ଓ ନିକୋବର, ଚଣ୍ଡିଗଡ଼, ସିକିମ୍ ଓ ଗୋଆରେ ତାହା ୭୦୦୦ ଟଙ୍କାରୁ ଅଧିକ ରହିଛି। ସହରାଞ୍ଚଳରେ ମାସିକ ମୁଣ୍ଡପିଛା ହାରାହାରି ବ୍ୟୟ କ୍ଷେତ୍ରରେ ୧୨,୫୭୫ ଟଙ୍କା ସହ ଚଣ୍ଡିଗଡ଼ ଶୀର୍ଷରେ ଥିବା ବେଳେ ସିକିମ୍‌ରେ ତାହା ୧୨,୧୦୫ ଟଙ୍କା ରହିଛି। ଏହି ସର୍ବେକ୍ଷଣ ଲାଗି ଓଡ଼ିଶାର ଗ୍ରାମାଞ୍ଚଳରୁ ୬୭୩୨ ଓ ସହରାଞ୍ଚଳରୁ ୨୫୪୩ ପରିବାରକୁ ନମୁନା ଭାବେ ଗ୍ରହଣ କରାଯାଇଥିଲା ବୋଲି ରିପୋର୍ଟରୁ ଜଣାପଡ଼ିଛି। ରିପୋର୍ଟ ସମ୍ପର୍କରେ ଅର୍ଥନୀତିଜ୍ଞ ପ୍ରଭାସ ମିଶ୍ର କହିଛନ୍ତି ଯେ ୨୦୧୧-୧୨ର ସର୍ବେକ୍ଷଣ ତୁଳନାରେ ରାଜ୍ୟର ସ୍ଥିତିରେ ଉନ୍ନତି ହୋଇଛି। ପୂର୍ବରୁ ଏହା ସବା ତଳେ ଥିଲା। ଏବେ ତଳ ଆଡୁ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଯଦି ମୁଦ୍ରାସ୍ଫୀତି ହାର ବିଚାରକୁ ନିଆଯିବ ତେବେ ରାଜ୍ୟର ଗ୍ରାମାଞ୍ଚଳରେ ମୁଣ୍ଡପିଛା ମାସିକ ହାରାହାରି ଖର୍ଚ୍ଚ ୧୦୦୦ ଟଙ୍କା ପାଖାପାଖି ବଢ଼ିଛି ବୋଲି କୁହାଯାଇପାରିବ। ଏହି ରିପୋର୍ଟରୁ ଜଣାପଡୁଛି ଯେ ଲୋକମାନେ ଖାଦ୍ୟ ଉପରେ କମ୍ ଖର୍ଚ୍ଚ କରୁଛନ୍ତି। ଏହାର ଏକ ପ୍ରମୁଖ କାରଣ ହେଉଛି କଲ୍ୟାଣମୂଳକ ସ୍କିମ୍‌ରେ ସରକାର ମାଗଣାରେ ଖାଦ୍ୟଶସ୍ୟ ଦେଉଥିବାରୁ ସେଥିରେ ଖର୍ଚ୍ଚ ହ୍ରାସ ପାଇଛି। ଲୋକମାନେ ଡାଲିରେ ଖର୍ଚ୍ଚ କମ୍ କରିଛନ୍ତି। କିନ୍ତୁ ପ୍ୟାକେଜଡ୍ ଖାଦ୍ୟ ଓ ପାନୀୟରେ ଅଧିକ ବ୍ୟୟ କରିଛନ୍ତି। ମୋବାଇଲ୍ ଫୋନ୍ ଓ ଗାଡ଼ି ଆଦି କିଣିବାରେ ଅଧିକ ଖର୍ଚ୍ଚ କରୁଛନ୍ତି। ମୋଟ ଉପରେ ଦେଖିଲେ ଗ୍ରାମାଞ୍ଚଳରେ ଆର୍ଥିକ ସ୍ଥିତି ଦୁର୍ବଳ ରହିଛି ବୋଲି ସେ କହିଛନ୍ତି।

# ବାବାଙ୍କ ଦ୍ୱାରା ଶିରିଡିବାବାଙ୍କ ବିଭୂତି ଅଭିଷେକ ଓ ଶିବଲିଙ୍ଗ ଉଦ୍ଭବ



ଇଂ ଗୁରୁପ୍ରସାଦ ସରକାର
ମୋ : ୯୪୩୭୦୩୦୪୫୩

**ଶ୍ରୀ ସତ୍ୟସାଇ ମହିମା-୨୫୦**

ଭୂଇଁରେ ବସିଥିବା ଭକ୍ତମାନଙ୍କୁ ବିଭୂତି ପୁଡିଆ ବାଣ୍ଟୁ ଥାଆନ୍ତି। ବାବାଙ୍କ ଜୀବନୀ ଲେଖକ ଶ୍ରୀ କସ୍ତୁରୀ ବିଭୂତି ପୂର୍ଣ୍ଣ ଏକ ଛୋଟ କାଠପାତ୍ରକୁ ସିରିଡି ବାବାଙ୍କ ମୂର୍ତ୍ତି ଉପରେ ସଂପୂର୍ଣ୍ଣ ଢାଳି ଦେଲେ ଯେପରି କି ପାତ୍ରରେ ଆଉ ଟିକିଏ ବି ବିଭୂତି ନରୁହେ। ତାପରେ ସେ ବିଭୂତି ପାତ୍ରକୁ ତଳମୁହାଁ କରି ସିରିଡି ବାବାଙ୍କ ମୁଣ୍ଡର ଏକଫୁଟ ଉପରେ ଧରି ରଖିଲେ। ବାବା ଭିତର ପୋଷାକକୁ କହୁଣୀ ଉପରକୁ ଉଠେଇ ପାତ୍ର ଭିତରେ ଲହୁଣୀ ମନ୍ଥନ କଳାପରି ହାତକୁ ପୂରେଇବାରୁ ଶୂନ୍ୟ ପାତ୍ର ଭିତରୁ ଝରଝର ହୋଇ ବିଭୂତି ବାହାରି ସିରିଡି ବାବାଙ୍କ ମୂର୍ତ୍ତି ମୁଣ୍ଡ ଉପରେ ପଡିଲା। ବାବା ପାତ୍ର ଭିତରୁ ହାତ ବାହାର କରିଦେଲେ ବିଭୂତି ପଡିବା ବନ୍ଦ ହୋଇ ଯାଉଥିଲା। ପୁଣି ବାବା ତାଙ୍କ ବାମ ହାତରୁ ପାତ୍ର ଭିତରେ ପୁରେଇ ସେପରି କଳାରୁ ପୁଣି ବିଭୂତି ବାହାରି ସିରିଡି ବାବାଙ୍କ ମୂର୍ତ୍ତି ଉପରେ ପଡିଲା। ଏହି ପରି ହାତ ବଦଳେଇ ଏପରି କଳାରୁ କେତେଥରରେ ସିରିଡି ବାବାଙ୍କ ମୂର୍ତ୍ତିଟି ବିଭୂତିରେ ପୋତି ହୋଇଗଲା। ଏହିପରି ଭାବରେ ସିରିଡି ବାବାଙ୍କ ବିଭୂତି ଅଭିଷେକ ସଂପୂର୍ଣ୍ଣହେଲା।



୧୯୭୬ ମସିହାରେ ମହାଶିବରାତ୍ରୀ ଫେବୃୟାରୀ ମାସ ୧୮ ତାରିଖରେ ଅନୁଷ୍ଠିତ ହୋଇଥିଲା। ପ୍ରତିବର୍ଷ ପରି ସେବର୍ଷ ମଧ୍ୟ ପୁଟ୍ଟାପାର୍ତ୍ତି ଆଶ୍ରମ ଭକ୍ତମାନଙ୍କ ଦ୍ୱାରା ଭରପୂର ହୋଇଥିଲା। ସ୍ଥାନ ଅଭାବରୁ ବହୁ ଭକ୍ତ ଭୂଇଁ ଉପରେ ମସିଣା ପକେଇ ବସି ପଡ଼ିଥିଲେ। 'ବାବା ନିଜ କୋଠରୀରୁ ବାହାରି ବାରଣ୍ଡାରେ ଛିଡାହୋଇ ଭକ୍ତମାନଙ୍କୁ ଆଶୀର୍ବାଦ କଲେ। ତାପରେ ସେ ହଠାତ୍ ନିଜ କୋଠରୀକୁ ଫେରିଗଲେ। ମନେ ହେଲା ସେ ଯେପରି ଅସୁସ୍ଥ ଅଛନ୍ତି। ଡାକ୍ତର ସୀତାରାମାୟା ପରୀକ୍ଷା କରି ଦେଖିଲେ ବାବାଙ୍କ ଶରୀରରେ ତାପମାତ୍ରା ୧୦୪ ଡିଗ୍ରୀ ଏଫ୍‌ଏଚ୍ ହୋଇଯାଇଛି। ବାବାଙ୍କ ପେଟ ଭିତରେ ଗଢି ଉଠୁଥିବା ଶିବଲିଙ୍ଗ ପାଇଁ ଏପରି ହୋଇଥାଏ। ସେ ଏକ ବିରଳ ରହସ୍ୟ ଯାହାକି କେବଳ ବାବାଙ୍କୁ ଜଣା। ଯାହାହେଉ ବାବା ଦିନଯାକ ସ୍ୱାଭାବିକ ଭାବରେ ଚଲାବୁଲା କରୁଥାଆନ୍ତି। ଭୂଇଁରେ ବସିଥିବା ଭକ୍ତମାନଙ୍କୁ ବିଭୂତି ପୁଡିଆ ବାଣ୍ଟୁ ଥାଆନ୍ତି। ବାବାଙ୍କ ଜୀବନୀ ଲେଖକ ଶ୍ରୀ କସ୍ତୁରୀ ବିଭୂତି ପୂର୍ଣ୍ଣ ଏକ ଛୋଟ କାଠପାତ୍ରକୁ ସିରିଡି ବାବାଙ୍କ ମୂର୍ତ୍ତି ଉପରେ ସଂପୂର୍ଣ୍ଣ ଢାଳି ଦେଲେ ଯେପରି କି ପାତ୍ରରେ ଆଉ ଟିକିଏ ବି ବିଭୂତି ନରୁହେ। ତାପରେ ସେ ବିଭୂତି ପାତ୍ରକୁ ତଳମୁହାଁ କରି ସିରିଡି ବାବାଙ୍କ ମୁଣ୍ଡର ଏକଫୁଟ ଉପରେ ଧରି ରଖିଲେ। ବାବା ଭିତର ପୋଷାକକୁ କହୁଣୀ ଉପରକୁ ଉଠେଇ ପାତ୍ର ଭିତରେ ଲହୁଣୀ ମନ୍ଥନ କଳାପରି ହାତକୁ ପୂରେଇବାରୁ ଶୂନ୍ୟ ପାତ୍ର ଭିତରୁ ଝରଝର ହୋଇ ବିଭୂତି ବାହାରି ସିରିଡି ବାବାଙ୍କ ମୂର୍ତ୍ତି ମୁଣ୍ଡ ଉପରେ ପଡିଲା। ବାବା ପାତ୍ର ଭିତରୁ ହାତ ବାହାର କରିଦେଲେ ବିଭୂତି ପଡିବା ବନ୍ଦ ହୋଇ ଯାଉଥିଲା। ପୁଣି ବାବା ତାଙ୍କ ବାମ ହାତରୁ ପାତ୍ର ଭିତରେ ପୁରେଇ ସେପରି କଳାରୁ ପୁଣି ବିଭୂତି ବାହାରି ସିରିଡି ବାବାଙ୍କ ମୂର୍ତ୍ତି ଉପରେ ପଡିଲା। ଏହି ପରି ହାତ ବଦଳେଇ ଏପରି କଳାରୁ କେତେଥରରେ ସିରିଡି ବାବାଙ୍କ ମୂର୍ତ୍ତିଟି ବିଭୂତିରେ ପୋତି ହୋଇଗଲା। ଏହିପରି ଭାବରେ ସିରିଡି ବାବାଙ୍କ ବିଭୂତି ଅଭିଷେକ ସଂପୂର୍ଣ୍ଣହେଲା।

ସେଠାରେ ଥିବା ଶାନ୍ତିବେଦିକା ପାଖରେ କିଛି କର୍ମକର୍ତ୍ତା, ବାବାଙ୍କ କିଛି ନିକଟତମ ଶିଷ୍ୟ, ଫଟୋଗ୍ରାଫର ଓ ଟେପରେକର୍ଡର ଧରିଥିବା ଲୋକ ପାଇଁ ସ୍ଥାନ ରଖାଯାଇଥିଲା। ସନ୍ଧ୍ୟା ଛଅଟା ବେଳେ ସାଇବାବା ଅଳ୍ପ କେତକ ଭକ୍ତଙ୍କ ଗହଣରେ ଶାନ୍ତି ବେଦିକାକୁ ଆସିଲେ। ତାପରେ କେତେଜଣ ବିଶିଷ୍ଟ ସଂସ୍କୃତ ପଣ୍ଡିତ ସେଠାରେ ଭାଷଣ ଦେଲେ। ବାବା ମଞ୍ଚ ଉପରକୁ ଆସିଲା ବେଳକୁ ସ୍ଥାନଟି ଉଚ୍ଚଶକ୍ତି ବିଶିଷ୍ଟ ବିଦ୍ୟୁତ୍ ବଲ୍‌ବ ଦ୍ୱାରା ଆଲୋକିତ ହୋଇ ରହିଥିଲା। ବାବା ପ୍ରଥମେ ହୃଦୟସ୍ପର୍ଶୀ ସ୍ୱର୍ଗୀୟ ମଧୁର ସ୍ୱରରେ ପବିତ୍ର ସଂଗୀତ ଗାନ କଲେ। ତାପରେ ସେ ତେଲୁଗୁ ଭାଷାରେ ତାଙ୍କର ଭାଷଣ ଦେଲେ। ସେଠରେ ସମବେତ ହୋଇଥିବା ତିରିଶ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ନିସ୍ତବ୍ଧ ରହି ଏହା ଶୁଣୁଥିଲେ। ଭାଷଣରେ ଗୋଟିଏ ଦୁଇଟି ମଜାଳିଆ କଥା ବାବା କହିଲା ବେଳକୁ ଭକ୍ତମାନଙ୍କ ମଧ୍ୟରେ ହସର ଲହରୀ ଖେଳିଯାଉଥାଏ। ଏହିପରି ପ୍ରାୟ ତିରିଶମିନିଟ୍ ଚାଲିଲା। ହଠାତ୍ ବାବା ତାପରେ ବାକ୍ ରୁଦ୍ଧ ହୋଇଗଲେ। ସେ କିଛି କହିବାକୁ ଚେଷ୍ଟା କଲେ ମଧ୍ୟ କହିପାରୁନଥିଲେ। ପରେ ତାଙ୍କ ସ୍ୱର ଅତି କ୍ଷୀଣ ହୋଇଗଲା। ଭକ୍ତମାନଙ୍କ ମଧ୍ୟରେ ଥିବା ଭଜନ ଗାୟକ ଓ ଗାୟିକାମାନେ ଭଜନଗାନ ଆରମ୍ଭ କରିଦେଲେ। ସମବେତ ଭକ୍ତମାନେ ସେଥିରେ ଯୋଗ ଦେଲେ। ବାବା ବସିପଡିଲେ ଓ ଟିକିଏ ପାଣି ପିଇଲେ। ବହୁଚେଷ୍ଟା କରି ମଧ୍ୟ ସେ ଭଜନରେ ଯୋଗଦେଇ ପାରିଲେନି। ତାପରେ ସେ ପ୍ରବଳ ମନ୍ତ୍ରଣାର ସଙ୍କେତ ଦେଇ ଅସ୍ଥିର ହୋଇ ଏପାଖ ସେପାଖ ହେଲେ। ନିଜକେଶ ଧରି ଟାଣିଲେ। ଛାତିରେ ହାତମାରିଲେ । ହାତ ଦେଇ ମୁଣ୍ଡ ଲୁଚେଇଲେ। ଏପରି ପ୍ରାୟ କୋଡିଏ ମିନିଟ୍ କଷ୍ଟସହ୍ୟ କଳାପରେ ବାବା ସ୍ମିତହାସ୍ୟ କଲେ। ତାଙ୍କର ପେଟ ଭିତରୁ ମୁହଁ ବାଟେ ବାହାରକୁ ବାହାରି ଆସିଥିବା ଶିବଲିଙ୍ଗକୁ ହାତରେ ଧରି ସମସ୍ତଙ୍କୁ ଦେଖେଇବା ପାଇଁ ହାତଟେକି ଉପରକୁ କଲେ। ଶିବଲିଙ୍ଗ ଦେଖିଲା ମାତ୍ରେ ଭକ୍ତମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଗଲା। ବାବା ଶିବଲିଙ୍ଗକୁ ଏକ ଟିର୍ଚ୍ଚ ଉପରେ ଧରି ରଖିବାରୁ ଲିଙ୍ଗ ଭିତରେ ଆଲୋକ ବିଛୁରିତ ହୋଇ ଲିଙ୍ଗର ଶୋଭାବର୍ଦ୍ଧନ କଲା। ତାପରେ ବାବା ଶିବଲିଙ୍ଗକୁ ଟେବୁଲ୍ ଉପରେ ଥୋଇଦେଇ ନିଜ କୋଠରୀକୁ ପ୍ରସ୍ଥାନ କଲେ। (କ୍ରମଶଃ)

# ଭାବି ଚିନ୍ତି ଶୁଣ ଓ କୁହ

ଇଂ ସତ୍ୟନାରାୟଣ ମାଝୀ
ଏକତାଳୀ, ଯଶିପୁର, ମୟୂରଭଞ୍ଜ
ମୋ-୯୩୪୮୫୩୭୦୧୩

ସୃଷ୍ଟି ଆରମ୍ଭରୁ ଭଗବାନ ମଣିଷକୁ ଶରୀରର ବିଭିନ୍ନ ଅଙ୍ଗ ଯେମିତି କି କାନରେ ଶୁଣିବା,ଆଖିରେ ଦୃଷ୍ଟି,ପାଟିରେ କହିବା,ନାକରେ ଆଘ୍ରାଣ ଆଦି ଦେଇଛନ୍ତି। ତା ସହିତ ଦୁନିଆଁକୁ ବୁଝିବାକୁ ଶ୍ରେଷ୍ଠ ପ୍ରାଣୀ ହିସାବରେ ମଣିଷକୁ ଚିନ୍ତନ ଶକ୍ତି ମଧ୍ୟ ଦେଇଛନ୍ତି। ଯେକୌଣସି କାର୍ଯ୍ୟ କରିବାକୁ ଗଲେ ମଣିଷ ନିଜ ମସ୍ତିଷ୍କ ସାହାଯ୍ୟରେ ଚିନ୍ତା କରିଥାଏ ଏବଂ ନିଜ କାର୍ଯ୍ୟ ସମ୍ପାଦନ କରିଥାଏ। ମଣିଷର କର୍ମ, ଧର୍ମ ସବୁ କିଛି ଚିନ୍ତନକୁ ଆଧାର କରି ହୋଇଥାଏ ।ଏହାର ତାତ୍ପର୍ଯ୍ୟ ହେଉଛି, ଯେଉଁ ସମୟରେ ଆମେ ନିଜ କାର୍ଯ୍ୟ କରିଥାଉ ସେହି ସମୟରେ ପୂରା ଧ୍ୟାନ ସହକାରେ ତନ ମନ ଧନ ଦେଇ କରିଲେ କାର୍ଯ୍ୟରେ ସିଦ୍ଧିଲାଭ ହୋଇଥାଏ ।ଏହା ସୃଷ୍ଟିର ପ୍ରାରମ୍ଭରୁ ସୃଷ୍ଟିର ନିୟମ ଭଳି ରହିଆସିଛି ।ଜୀବନର ପ୍ରତିଟି ମୂହୁର୍ତ୍ତ ସକରାତ୍ମକ ମନୋଭାବ ଏବଂ ଚେତନାଶୀଳ ଭାବେ କାର୍ଯ୍ୟ କରିପାରିଲେ ସଫଳତା ନିଶ୍ଚିତ ହୋଇଥାଏ ।କାର୍ଯ୍ୟଟିର ଲକ୍ଷ୍ୟ ଉପରେ ଧ୍ୟାନ କେନ୍ଦ୍ରିତ କରିବା ହିଁ ସକରାତ୍ମକ ବ୍ୟକ୍ତିର ପ୍ରକୃତି ।ସକରାତ୍ମକ ମନୋଭାବ ଶରୀର ଏବଂ ମନରେ ସୁସ୍ଥ ବାତାବରଣ ଆଣିଥାଏ ।ବର୍ତ୍ତମାନ ପରିସ୍ଥିତିରେ ସାରା ବିଶ୍ୱର ଜନତା ନିଜ କାର୍ଯ୍ୟରେ ଏତେ ବ୍ୟସ୍ତ ଯେ ନିଜର ଅନ୍ୟ ଏକ ଛୋଟ କାର୍ଯ୍ୟରେ ଅବହେଳା ସ୍ୱାଭାବିକ ଭାବେ ହୋଇଯାଉଛି ।ଜଣେ ମା ତାର ପୁଅଟିକୁ କୌଣସି କାର୍ଯ୍ୟରେ ବଜାର ବାହାରିଲା ବେଳକୁ ଘରର କିଛି ଜିନିଷ ଆଣିବାକୁ ବରାଦ ଦିଏ ।କିନ୍ତୁ ପୁଅଟି ଅନ୍ୟମନସ୍କ ହୋଇ ମାର କଥାକୁ ଶୁଣିକି ଘରୁ ବାହାରିଯାଏ। କିନ୍ତୁ ଫେରିଲା ବେଳକୁ ମାଆର ସେଇ ଦରକାର ହେଉଥିବା ଜିନିଷ ଆଣିବାକୁ ଭୁଲିଯାଏ ।ସେମିତି ବ୍ୟସ୍ତତା ମଧ୍ୟରେ ଜଣେ ସ୍ତ୍ରୀ ନିଜ ସ୍ୱାମୀକୁ ଅଫିସ୍ ବାହାରିବା ସମୟରେ ପରିବା,ରାସନ ସମେତ ବିଭିନ୍ନ ଅତ୍ୟାବଶ୍ୟକ ଜିନିଷ ଆଣିବାକୁ କହୁଛି ।ସ୍ୱାମୀ ମଧ୍ୟ ଅଫିସ୍ କାର୍ଯ୍ୟ ସାରି ପରିବା ହାଟକୁ ଯାଉଛି ଏବଂ ଘରୁ ବରାଦ ହୋଇଥିବା ପରିବା ମଧ୍ୟ କିଣୁଛି ।କିନ୍ତୁ ଘରୁ ବରାଦ ହୋଇଥିବା କିଛି ପରିବା ନାଁ ମନେ ପଡୁନି ।ତା ପରେ ସ୍ୱାମୀର ଫୋନ୍ କଲ୍ ଯାଉଛି ଘରକୁ।

ସ୍ତ୍ରୀ ଫୋନ କଲଟିକୁ ଉଠାଇ ପାରୁନି ଅନ୍ୟ କୌଣସି କାର୍ଯ୍ୟରେ ବ୍ୟସ୍ତ ରହି ।ସେତେବେଳକୁ ସ୍ୱାମୀର ମନରେ ବିରକ୍ତାଭାବ ଆସୁଛି। ମନରେ ଆସୁଛି ଘରେ ସ୍ତ୍ରୀ ବରାଦ ଦେଲା ବେଳେ ଟିକେ ମନକୁ ସ୍ଥିର କରି ଶୁଣିଥିଲେ ହୋଇଥାନ୍ତା।

ଆହୁରି ମଧ୍ୟ ବହୁ ଘଟଣା ରହିଛି,ଦୀର୍ଘ ସମୟ ଧରି ଅନେକ ଯୁବକ ଏକାସାଙ୍ଗରେ ସାଥି ହୋଇ ବୁଲନ୍ତି,ଖାଆନ୍ତି ଏବଂ ଥଟ୍ଟାମଜା କରନ୍ତି ।କିନ୍ତୁ ବେଳେ ବେଳେ ଏମିତି ଏକ ସମୟ ଆସିଯାଏ ଥଟ୍ଟାମଜାକୁ ଜଣେ ଜଣେ ସାଙ୍ଗ ସହି ପାରନ୍ତି ନାହିଁ ।ଯାହାଫଳରେ ତାଙ୍କ ମଧ୍ୟରେ ମନମାଳିନ୍ୟ ହୋଇପଡେ ଏବଂ କଥାବାର୍ତ୍ତା ମଧ୍ୟ ବନ୍ଦ ହୋଇଯାଏ।

ଏହିସବୁ ଘଟଣା ଗୁଡିକରେ ଏଭଳି ପରିସ୍ଥିତି ସୃଷ୍ଟି ହେବାର କାରଣ କଥାଟି କହିବା କିମ୍ବା ଶୁଣିବା ସମୟରେ ଧ୍ୟାନ ନ ଥାଏ ।ଏହା ଦ୍ୱାରା ଅନେକ ସମୟରେ ଆମେ କରୁଥିବା କାର୍ଯ୍ୟ ଗୁଡିକ ଭାବିଚିନ୍ତି ନ କହିବା ଏବଂ କରିବା ଦ୍ୱାରା ବହୁ ସମସ୍ୟା ମଧ୍ୟ ହୋଇଥାଏ ।ସେଥିଲାଗି ସବୁବେଳେ ଭାବି ଚିନ୍ତି ଶୁଣିବା ଏବଂ କହିବା ବେଳେ ମଧ୍ୟ ଭାବି ଚିନ୍ତି କହିବା ଦ୍ୱାରା ପରିସ୍ଥିତି ଅତି ସରଳ ସହଜ ହୋଇଥାଏ ।ବର୍ତ୍ତମାନ ସମୟରେ ଏହି ସବୁ ଦ୍ୱନ୍ଦ୍ୱ ବା ଅଗ୍ରହଣୀୟ ପରିସ୍ଥିତି ସୃଷ୍ଟି ହେବା ମୁଖ୍ୟ କାରଣ କ'ଣ ହୋଇପାରେ ? ଆମେ କେବେ ଚିନ୍ତା କରିଛୁ କିଯଦି ବି ଆମେ ଚିନ୍ତା କରିଛୁ ତାହା କାର୍ଯ୍ୟରେ ରୂପାନ୍ତରିତ କରିପାରିନାହୁଁ । ଏହି ସମସ୍ୟାଟି ଛୋଟ ହୋଇଥିଲେ ବି ଧ୍ୟାନ ଦେବାର ଆବଶ୍ୟକତା ନିଶ୍ଚିତ ଭାବେ ରହିଛି।

# ଅଙ୍ଗ ଦାନ କରୁଥିବା ବ୍ୟକ୍ତି ମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ସ୍ୱାଗତଯୋଗ୍ୟ ପଦକ୍ଷେପ



ପ୍ରଦୀପ୍ତ କୁମାର କର
ପ୍ଲଟ ନଂ ୨୫, ସୂର୍ଯ୍ୟ ନଗର
ଭୁବନେଶ୍ୱର
ମୋ-୯୪୩୭୦୮୪୩୧୨

ଅଙ୍ଗଦାନ ବା ପୁରା ଶରୀରକୁ ଦାନ ଦେବାକୁ ହିଁ ଦେହ ଦାନ କୁହାଯାଏ ।ମନୁଷ୍ୟର ମୃତ୍ୟୁ ପରେ ତାର ଶରୀରକୁ ମେଡିକାଲ କଲେଜରେ ବିଦ୍ୟାର୍ଥୀ ମାନଙ୍କ ରିସର୍ଚ୍ଚ ଓ ପାଠ ପଢା ସମ୍ବନ୍ଧରେ କାର୍ଯ୍ୟରେ ଲାଗେ ।ଯେ କୌଣସି ବ୍ୟକ୍ତି ନିଜର ସମ୍ପୂର୍ଣ୍ଣ ଦେହ ଦାନ ବା ଅଙ୍ଗ ଦାନ କରିବାର ଅଧିକାର ରହିଛି। ଏଥି ପାଇଁ ମନୁଷ୍ୟ ତାର ଜୀବନ୍ତ ଅବସ୍ଥାରେ କୌଣସି ଏକ ସରକାରୀ ଡାକ୍ତରଖାନା ବା ସରକାରୀ ପଞ୍ଜୀକୃତ ସଂସ୍ଥା ସହିତ ଯୋଗାଯୋଗ କରି ରଖିଥିବା ଦରକାର ଓ ନିଜ ପରିବାର ବର୍ଗ ଙ୍କ ସହମତି ଓ ସେମାନେ ସମ୍ପୂର୍ଣ ଅବଗତ ଥିବା ଉଚିତ୍ । ଆମ ଦେଶର କେତେକ ଖ୍ୟାତନାମା ବ୍ୟକ୍ତି ଯେଉଁମାନେ କି ମେଡିକାଲ ରିସର୍ଚ୍ଚ ପାଇଁ ଦେହ ଦାନ କରିଛନ୍ତି ସେମାନଙ୍କ ମଧ୍ୟରେ ବିଶିଷ୍ଟ ଯୁରିଷ୍ଟ ଲାଇଲା ଶେଠ୍ , ସି ପି ଆଇ ନେତା ସୋମନାଥ ଚାଟାର୍ଜୀ ,ଭୂତପୂର୍ବ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଜ୍ୟୋତି ବସୁ,ଜନସଂଘ୍ ନେତା ନାନଜୀ Deshmukh ଅନ୍ୟତମ । ବର୍ତ୍ତମାନ ଆମ ଦେଶରେ ଅନେକ ଦେହ ଦାନ ବା ଅଙ୍ଗ ଦାନ ପାଇଁ ଆଗେଇ ଆସୁଛନ୍ତି ।ମୃତ ଶରୀର ଦ୍ୱାରା ବିଦ୍ୟାର୍ଥୀ ମାନେ Anatomy physiology ଉପରେ ଜ୍ଞାନ ଆହରଣ କରନ୍ତି । ଅଙ୍ଗ ଦାନ ପରି ଆଉ ଗୋଟିଏ ପୁଣ୍ୟ କାମ ହେଉଛି ରକ୍ତ ଦାନ । ରକ୍ତ ଦାନ ଦ୍ୱାରା ଆମେ ଗୋଟିଏ ମହିଳା, ବା ପୁରୁଷ ବା ଶିଶୁ କୁ ବଞ୍ଚାଇବା ପାଇଁ ସକ୍ଷମ ହେଉଛେ କିନ୍ତୁ ତାଙ୍କ ସହିତ ଜଡ଼ିତ ପୁରା ପରିବାର ମଧ୍ୟ ଅନେକ ଉପକାର ପାଉଛନ୍ତି । ସାଧାରଣ ରେ +୦ ଶ୍ରେଣୀର ରକ୍ତ ପ୍ରାୟ ଅନେକ ଲୋକଙ୍କର ଥାଏ ଏମାନେ ଯେ କୌଣସି ଗ୍ରୁପକୁ ପରୀକ୍ଷା ପରେ ଦେଇ ପାରିବେ । କିନ୍ତୁ AB ଗ୍ରୁପ କେବଳ ସେହି ଗ୍ରୁପ ଲୋକଙ୍କୁ ରକ୍ତ ଦେଇ ପାରିବେ ଓ B ଗ୍ରୁପ କେବଳ B ଗ୍ରୁପକୁ ରକ୍ତ ଦେଇ ପାରିବେ। ମୁଁ ଅନେକ ବର୍ଷ ତଳେ ମୋର ସମ୍ବଲପୁର ରେ ପୋଷ୍ଟିଂ ସମୟରେ ପଶ୍ଚିମ ଓଡ଼ିଶାର ଜଣେ ଜଣାଶୁଣା ଖ୍ୟାତନାମା ଜନପ୍ରିୟ ମହାନ୍ ସମାଜ ସେବୀ ,କବି ,ସମାଜ ସଂସ୍କାରକ ,ଔପନ୍ୟାସିକ ଶ୍ରୀଯୁକ୍ତ ଶ୍ରୀନିବାସ ଉଦ୍ଗତା ମହାଶୟଙ୍କୁ ଭେଟିଥିଲି ଯିଏକି ତାଙ୍କର ପୁରା ଶରୀରକୁ ତାଙ୍କ ମୃତ୍ୟୁ ପରେ ମେଡିକାଲ କଲେଜକୁ ବିଦ୍ୟାର୍ଥୀମାନଙ୍କ ରିସର୍ଚ୍ଚ ପାଇଁ ଦେଇ ଦେବାକୁ ଶପଥ ନେଇଛନ୍ତି। ଶ୍ରୀଯୁକ୍ତ ଉଦ୍ଗତା ମଧ୍ୟ ୨୦୦୮ ରେ ପଦ୍ମଶ୍ରୀ ପୁରସ୍କାର ପାଇଥିଲେ । ମୋର ସେହି ୨୦୦୨ ରୁ ୨୦୧୮ ପର୍ଯ୍ୟନ୍ତ ସମ୍ବଲପୁର ଓ ବୁର୍ଲାରେ ରହଣି କାଳ ମଧ୍ୟରେ ଜଣେ ଯୁବ, ସମାଜ ପାଇଁ ସମର୍ପିତ ମୋଟିଭେଟର ଶ୍ରୀ ଦୁର୍ଗା ପାଢ଼ୀଙ୍କୁ ଭେଟି ତାଙ୍କ ସହିତ ବ୍ୟକ୍ତିଗତ ଭାବେ ଜଡ଼ିତ ହୋଇଥିଲି ଯିଏକି ବୁର୍ଲା ଓ ସମ୍ବଲପୁର ଆଖ ପାଖ ଅଞ୍ଚଳରେ ବୁଲି ବୁଲି ତାଙ୍କର ଟିମ୍ ସହିତ ନିଜର ତ୍ୟାଗ ଅନୁଷ୍ଠାନ ଦ୍ୱାରା ପ୍ରତିବର୍ଷ ରକ୍ତ ଦାନ ଶିବିର କରି ସେଥିରେ ଭାରତ ଓ ବାହାର ଦେଶରୁ ଅନେକ ବଡ ବଡ ରକ୍ତ ଦାତା ମାନଙ୍କୁ ଡକାଇ ରକ୍ତ ଦାନ ର ମହତ୍ତ୍ୱ ଓ ଏହାର ସମାଜ ରେ ଆବଶ୍ୟକତା କୁ ନେଇ ସେମିନାର ଓ ରକ୍ତ ଦାନ କରି ଲୋକଙ୍କୁ ଅନେକ ସାହାଯ୍ୟ କରିଚାଲିଛନ୍ତି । ପ୍ରତି ଥର ପ୍ରାୟ ୧୦୦୦ ରୁ ୧୫୦୦ ୟୁନିଟ ପର୍ଯ୍ୟନ୍ତ ରକ୍ତ ସଂଗ୍ରହ କରାଯାଏ । ସେ ଯାହା ହେଉ ଆମ ଓଡ଼ିଶାର ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଅଙ୍ଗ ଦାନ ପ୍ରକ୍ରିୟା କୁ ସୁଗମ କରିବାକୁ ୨୦୧୯ ରୁ ଷ୍ଟେଟ ଅର୍ଗାନ ଆଣ୍ଡ ଟିଶୁ transplant organisation ପ୍ରତିଷ୍ଠା କରିଛନ୍ତି ଓ ୨୦୨୦ ରେ ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ଅଞ୍ଚଳ ର ସୁରଜ୍ ନାମକ ବ୍ୟକ୍ତି ଙ୍କ ସଡ଼କ ଦୁର୍ଘଟଣା ରେ ମସ୍ତିଷ୍କ ମୃତ୍ୟୁ ଡାକ୍ତର ମାନଙ୍କ ଦେଶର ଘୋଷଣା ହେବାପରେ ତାଙ୍କ ପରିବାର ଲୋକଙ୍କ ସହମତି ରେ ଆଉ ୬ ଜଣ ଲୋକଙ୍କୁ ତାଙ୍କର ଗୁରୁତ୍ୱ ପୂର୍ଣ୍ଣ ଅଙ୍ଗ ଦାନ ଦ୍ୱାରା ଜୀବନଦାନ ଦିଆଯାଇ ପାରିଲା । ତେଣୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସେହିଦିନଠାରୁ ସୁରଜ୍ ପୁରସ୍କାର ପ୍ରଦାନ ଆରମ୍ଭ କରିଛନ୍ତି ଓ ଅଙ୍ଗ ଦାନ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି । ଆମ ଦେଶରେ ବିଭିନ୍ନ କାର୍ଯ୍ୟ କ୍ଷେତ୍ରରେ ସୁନାମ ପ୍ରାପ୍ତ କରିଥିବା ବ୍ୟକ୍ତି ବିଶେଷଙ୍କୁ ପଦ୍ମ ଶ୍ରୀ ,ପଦ୍ମ ବିଭୂଷଣ ଓ ପଦ୍ମ ଭୂଷଣ ପ୍ରଭୁତି ସମ୍ମାନରେ ସମ୍ମାନିତ କରାଯାଏ କିନ୍ତୁ ତାହା ଠାରୁ ଅନେକ ଗୁଣରେ ସମ୍ମାନ ହେଉଛି ଯେ ଜଣେ ଅଙ୍ଗ ଦାତା ବା ଦେହ ଦାନ କରିଥିବା ବ୍ୟକ୍ତି ଙ୍କ ମୃତ ଶରୀରକୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସଂସ୍କାର କରିବା ଯାହା କି ଏହା କେବଳ ସମ୍ଭବ ହୋଇ ପାରିଛି ଆମ ଓଡ଼ିଶାର ଲୋକ ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ପାଇଁ । ଏହା ତାଙ୍କର ଏକ ଅତି ଉଚ୍ଚ କୋଟୀର ଚିନ୍ତାଧାରା । କଥାରେ ଅଛି ହାତୀ ବଞ୍ଚିଲେ ଲକ୍ଷେ ଓ ମଲେ ବି ଲକ୍ଷେ ସେହିପରି ଏବେ ମନୁଷ୍ୟ ର ମୃତ୍ୟୁ ପରେ ତାର ମର ଶରୀର ଆଉ ଅଲୋଡ଼ା ହୋଇ କେବଳ ଅଗ୍ନି ରେ ସଂସ୍କାର ବା ମାଟିରେ ପୋତି ଦିଆଯାଉ ନାହିଁ । ମୃତ୍ୟୁ ପରେ ମଧ୍ୟ ତାହା ଅନେକ ମୂଲ୍ୟବାନ ହୋଇ ଯାଉଛି । ଆସନ୍ତୁ ସାରା ଓଡ଼ିଶାର ସମସ୍ତ ଅଧିବାସୀ ଆମ ମୁଖ୍ୟମନ୍ତ୍ରୀଙ୍କ ଏହି ମହାନ୍ ଉଦ୍ଦେଶ୍ୟକୁ ହୃଦୟଙ୍ଗମ କରି ସେ ଦେଉଥିବା ଆହ୍ୱାନକୁ ସମ୍ମାନ ଦେବା।

# ଥରେ ନିଜମଧ୍ୟରେ ଦେଖ

ପ୍ରଦୀପ୍ତ କୁମାର ମିଶ୍ର
ଅରେଇ, ଯାଜପୁର
ମୋ- ୯୬୫୮୬୧୪୭୨୮

ସମୟର ସ୍ରୋତରେ ଆମେସମସ୍ତେ ଗତିଶୀଳ,ଏହି ଗତିଶୀଳତାରେ ଆମେ ସମସ୍ତଙ୍କୁ ଆମ ଆଡ଼କୁ ଆକର୍ଷିତ କରୁଛନ୍ତି ।ସମସ୍ତେ ସ୍ରୋତର ଅନୁକୂଳ ରେ ପ୍ରବହମାନ ହେବାକୁ ବାରମ୍ବାର ଆହ୍ୱାନ ଦେଇଛନ୍ତି ।ପ୍ରଥମେ ସାମାଜିକ ଜୀବନ ଓ ତାରି ମଧ୍ୟରେ ରାଜନୈତିକ ଘଟଣାବଳୀ ସହ ସଂପୃକ୍ତ ସମୟର ଅନୁଗାମୀ ହେବାରେ ପରେ ବିଜ୍ଞାନ ଯୁଗ ପୁଣି ପ୍ରଯୁକ୍ତିର ଯୁଗ ।ଏମଧ୍ୟରେ ବହୁତ ଲୋକ ଅଟକି ଯାଇଛନ୍ତି ସେହି ଅତୀତ ସମୟରେ ,ସେମାନଙ୍କୁ ଆମେ ପୁଣି ଭିଡି ଉଠିବାକୁ ଆହ୍ୱାନ ଦେଇଚାଲିଛନ୍ତି ।ସର୍ବୋପରି ଆମେ ଏବେ ସମସ୍ତେ କୃତ୍ରିମ ବୁଦ୍ଧିମତା ବାଇରେ ବାୟା ।ଆହୁରି ଅନେକ ଆଗକୁ ଯାଇ ଜଳ ସ୍ଥଳ ଆକାଶ ପାତାଳକୁ ତନ୍ନ ତନ୍ନ କରି ପରୀକ୍ଷା କରି ଚାଲିଛନ୍ତି ।ଅନେକ ଜିନିଷ ଖୋଜିପାଇବାର ସଫଳ ହେଲାପରେ ମଧ୍ୟ ଆମ ଖୋଜିବାର ଶେଷ ନାହିଁ ।ସମୁଦ୍ର ମନ୍ଥନରୁ ସର୍ବଦା ଅମୃତ କିମ୍ବା ଐରାବତ ହସ୍ତୀ ବାହାରନ୍ତିନି, ବିଷ ବି ବାହାରିଥାଏ।

ତେବେ ଏସବୁ ମଧ୍ୟରେ କେମିତିକଣ ହଜାଇ ଦେଇଛନ୍ତି। ପାଇବା ଅଧିକ ହେଲେବି ହଜେଇ ଦେଇଛନ୍ତି ଶାନ୍ତି ସ୍ନେହ ଶ୍ରଦ୍ଧା ।ଆତ୍ମସନ୍ତୋଷ ଆମନିକଟରୁ ବହୁତ ଦୁରେଇଯାଇଛି,ସବୁବେଳେ ଆମେ ଅଶାନ୍ତି ଯେମିତି ଆହୁରି କିଛି ପାଇବା ।ସମସ୍ତେ ଆମେ ଜାଣିଛନ୍ତି ପାଇବାର ଶେଷ ନାହିଁ କି ଅପେକ୍ଷା ର ଅନ୍ତ ନାହିଁ ।ଆକାଶ ସମୁଦ୍ର ନଦୀ ସବୁଥିରେ ମଣିଷର ଅକ୍ତିଆର।

ଏବେ ପ୍ରଯୁକ୍ତି କ୍ଷେତ୍ରରେ ଆମେ ବହୁତ ଆଗରେ ।ପ୍ରଯୁକ୍ତି ଆମକୁ ଅସାଧାରଣ ଜିନିଷ ଦେଲେବି ଆମେ ଏବେ କୃତ୍ରିମ ବୁଦ୍ଧିମତା ଦିଗରେ ଅଧିକ ଅଗ୍ରସର ।ଆମ ହାତରେ ସମଗ୍ର ବିଶ୍ୱର ଖବର ।କିନ୍ତୁ ଆମେ ହରେଇଛନ୍ତିକି ଆମର ଆଦିମତା ଆମ ମନର ନିଛକ କଦର୍ଯ୍ୟତା ଉଭର ଆସିବ ବୋଧହୁଏ ନା ।କଥାରେ ଅଛି ପ୍ରକୃତି ମଲେ ଯାଏ,ଆମେ ପରିବର୍ତ୍ତନ କରିପାରିନାହାନ୍ତି ଆମର ଶୁନ୍ୟତା ଭାବ ।ଅନେକ ମିଛ ଏବେବି ଆମକୁ ଆଗକୁ ଯିବାକୁ ଯେମିତି ବାରଣ କରୁଛି।

ସବୁ ସମୟରେ ମଣିଷ ମାନସିକ ଶାନ୍ତି ଖୋଜିଛି ଯେତେବେଳେ ସେ ଚାପଗ୍ରସ୍ତ ହୋଇପଡିଛି ।ସେ ଶୁନ୍ୟତା ମଧ୍ୟରେ ଖୋଜିଛି ବ୍ୟକ୍ତିକୁ କାରଣ ବ୍ୟକ୍ତିବାଦ ତାକୁ ଆଚ୍ଛନ୍ନ କରିଯାଇଛି ।ସେ ଇଶ୍ୱରଙ୍କୁ ବହୁ ସୁନ୍ଦର ଅମାପ ଐଶ୍ୱର୍ଯ୍ୟର ଅଧିକାରୀ ମନେକରିଛି। ଆମ ଚତୁଃପାର୍ଶ୍ୱରେ ଅନେକ ସାଧୁ ସନ୍ଥ ମନ ପରିବର୍ତ୍ତନ କାରୀ ବ୍ୟକ୍ତିତ୍ୱ ଅଛନ୍ତି, ଅନେକ ବାଣୀ ସେମାନେ ସକାରାତ୍ମକ କଥା କହିଚାଲିଛନ୍ତି ,ଯାହାକୁ ଆମେ ସାମାଜିକ ଗଣମାଧ୍ୟମ ରୁ ପାଇପାରୁଛନ୍ତି ।କିନ୍ତୁ ଏହାକେବଳ ସେହି ସମୟରେ ରହୁଛି ଆମ ଜୀବନର ଧାରା ମଧ୍ୟରେ ଅନୁପ୍ରବେଶ କରୁନାହିଁ ।କାହିଁକି ନା ଆମେ ଏହାକୁ ମୌଳିକ ଚିନ୍ତନରେ ନେଉନାହାନ୍ତି ।ରାମାୟଣର ଭାଗବତ ଗୀତା ଆଦିରେ ଥିବା ଦର୍ଶନକୁ ଆମେ ସହଜରେ ଆତ୍ମସ୍ଥ କରୁନାହାନ୍ତି ବା କରିପାରିନାହାନ୍ତି ।ଏହା ମଧ୍ୟରେ ଭରିରହିଛି ଜୀବନରେ ଅନେକ ଜଟିଳ ପ୍ରଶ୍ନୋତ୍ତର। କିନ୍ତୁ ଏହାକୁ ଗ୍ରହଣ କରିବାରେ ଅସମର୍ଥ। କିନ୍ତୁ ସବୁକିଛି ଆମ ନିଜମଧ୍ୟରେ ହିଁ ଏସବୁର ସମାଧାନ ଅଛି ।ଆମକୁ ଧୈର୍ଯ୍ୟର ସହ ଏହାକୁ ଚିନ୍ତନ କରିବା ଅବଶ୍ୟ ଆବଶ୍ୟକ ।ସର୍ବଦା ନିଜର ସ୍ୱତନ୍ତ୍ର ଆବଶ୍ୟକତା ମଧ୍ୟରେ ସ୍ଥିର ରହିବା ଆବଶ୍ୟକ ।କେବେ ଅନ୍ୟର ସ୍ଥିତିରେ ନିଜକୁ ଆଦୌ ପରଖିବା ଉଚିତ ନୁହେଁ ।ଏଠାରେ ସାଇକେଲ ବ୍ୟବହାର କରୁଥିବା ଲୋକ ମୋଟର ସାଇକେଲ ବ୍ୟବହାରକାରୀକୁ ଇର୍ଷା କରେ,ପୁଣି ମୋଟର ବାଇକ ବ୍ୟବହାର କରୁଥିବା ଲୋକ ମୋଟର କାର ବ୍ୟବହାର କରୁଥିବା ଲୋକକୁ ଇର୍ଷା କରେ ଓ ନିଜକୁ ସେହିପରି ହେବାପାଇଁ ଚେଷ୍ଟିତ ହୁଏ ।ଏହାର ଏହିଠାରେ ଶେଷ ହୁଏନି ବରଂ ଏପରି ଆବଶ୍ୟକତା ବଢ଼ିବଢ଼ିଯାଏ ।ଏହା ମଧ୍ୟରେ ସମୟ ସରିଯାଏ ଅଶାନ୍ତି ବଢ଼ିବଢ଼ି ଯାଏ ।ମାନସିକ ଚିନ୍ତାର ବିରାମ ସୃଷ୍ଟି ନହୋଇ ଏହା ବଢି ବଢି ଯାଏ ।ଶାନ୍ତି ହରେଇବସେ ଶାନ୍ତି ଖୋଜିବାରେ ସମୟ ସାରିଦିଏ ।ଅବଶ୍ୟ ଏହା ଆମ ସମାଜରେ ବେଶି ପରିମାଣରେ ଘଟିଚାଲେ ।ତେଣୁ ନିଜର ମାନେ କେତେବେଳେ ଯେ ପର ହୋଇଯାଆନ୍ତି ଚିନ୍ତାକରି ହୁଏନି ।ତେଣୁ ଏସବୁ ଅନୁଚିନ୍ତା ମାନମଧ୍ୟରୁ ବାହାର କରି ଏକ ଭଲ ଅନୁଚିନ୍ତନରେ ଗତିଶୀଳ ହେବା ସର୍ବାଦୌ ଆବଶ୍ୟକ। ଅତଏବ ନିଜମଧ୍ୟରେ ଶାନ୍ତିପାଇଁ ବଦ୍ଧପରିକର ରହି ଆଧ୍ୟତ୍ମିକ ଚେତନାକୁ ନେଇ ଆଗେଇଲେ ମନୁଷ୍ୟ ଶାନ୍ତି ପାଇପାରିବ ଓ ଉତ୍ତମ ଜୀବନ ନିର୍ବାହ କରିପାରିବ ଏଥିରେ ସନ୍ଦେହ ନାହିଁ ।ନିଜ ଭିତରେ ଭରିରହିଛି ଆନନ୍ଦ ଖୁସି ତେଣୁ ନିଜେ ନିଜପାଇଁ ଦାୟୀ ।ପ୍ରଭାତରୁ ବିଭିନ୍ନ ଗଣ ମାଧ୍ୟମରେ ପ୍ରସାରିତ ଅନେକ ବାଣୀ ଶୁଣିବାକୁ ମିଳେ ଏଗୁଡିକ ଜୀବନ ପାଇଁ କେବଳ ଉପଦେଶ, ଏସବୁ ଶୁଣିପାର କିନ୍ତୁ ନିଜବିବେକର ଅନୁମୋଦନକୁ କେବଳ ଗ୍ରହଣ କର।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ମା।**

ଗାଧୁଆ ପାଧୁଆ ନ ହେଲା ନାହିଁ
ଅଖିଆ ଅପିଆ ରହିବି ମୁହିଁ
ତଥାପି '' ମା'' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୧)

ଚନ୍ଦନ ସିନ୍ଦୂର ନ ହେଲା ନାହିଁ
ତୁଳସୀର ମାଳା ମୋ ଲୋଡା ନାହିଁ
ତଥାପ ''ମା'' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୨)

ପାଟ ପିତାମ୍ବରୀ ନ ହେଲା ନାହିଁ
ତଥାପି '' ମା'' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୩)

ଦହି ଦୁଧ ଛେନା ନ ହେଲା ନାହିଁ
ଲହୁଣୀରେ ମନ ମୋହର ନାହିଁ
ତଥାପି ''ମା'' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୪)

ତୋ ନାମ ମୋହର ଗଙ୍ଗା ଯମୁନା
ତୋ ନାମେ ସିନ୍ଦୂର ଚିତା ପଇତା
ତଥାପି ''ମା'' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୫)

ତୋ ସ୍ନେହ ମମତା କ୍ଷୀର ଲବଣୀ
ତୋ ପାଦଧୂଳି ମୋ ମଥାର ମଣି
ତଥାପି ''ମା'' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୬)



ଶ୍ରୀ ଅଭିରାମ ସରସ୍ୱତୀ

କିପରି ଭାବେ ମୁଁ ତୋତେ କହିବି
ଯୁଗେ ଯୁଗେ ମୋର ତୁହି ଜନନୀ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୭)

ଲୋଡା ନାହିଁ ମୋର ସାରା
ଜଗତ ତୋ ନାମ ମୋ ହୃଦେ
କେବଳ ମାତ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୮)

ଲକ୍ଷ୍ମୀ ସରସ୍ୱତୀ ତୁ କାଳୀ ମାତ
ଦୁର୍ଗସା ନାରାୟଣୀ ଶକ୍ତି ମୋ ମା
ତଥାପି 'ମା'ମୁଁ
ତୋହରି ନାମକୁ ଭୁଲିବି ନାହିଁ (୯)

ଯୁଗେ ଯୁଗେ ଅଭି ତୋ ନାମ ଭଜି
ମାୟା ସଂସାରରୁ ଯାଏ ସେ ହଜି
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୧୦)

(କ୍ରମଶଃ)

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଗ୍ରୀକ୍ ବୀର ଆଲେକ୍‌ଜାଣ୍ଡାର



ନୂତନ କୁମାର ବେହେରା

ସେ ଦିନ ପ୍ରଭାତର କଅଁଳ ସୂର୍ଯ୍ୟ କିରଣରେ ସହସ୍ର ଲୋକ ଏକ ଲୟରେ ଦେଖୁଥିଲେ ଏକ ଦୁଃସାହସିକ କାର୍ଯ୍ୟ । ଅତି ଉତ୍କଣ୍ଠାର ସହିତ ଏକ ଦୁର୍ଦ୍ଦାନ୍ତ ଉଦ୍ଦାମ ଘୋଡ଼ାକୁ କାବୁ କରି କିଏ ଚଢ଼ି ପାରିବ ତା' ଉପରେ ? ପ୍ରତିଯୋଗିତା ନ ହେଲେ ମଧ୍ୟ ଏ ଥିଲା ବୁଦ୍ଧି ଓ କୌଶଳର ଏକ ଅନନ୍ୟ ଆହ୍ୱାନ । ମାସିଡୋନିଆର ରାଜା ଏଥି ପାଇଁ ଲଗାଇ ଦେଇଥିଲେ ତାଙ୍କର ବୀର ସୁଦକ୍ଷ ଅଶ୍ୱ ଆରୋହୀଙ୍କୁ... । ଜଣେ ପରେ ଜଣେ ସୁଦକ୍ଷ ଅଶ୍ୱାରୋହୀ ପରାସ୍ତ ହୋଇ ପଡୁଥାନ୍ତି ସେ ଉଦ୍ଦାମ ଘୋଡ଼ା ନିକଟରେ । ସେ ଘୋଡ଼ାର ଲଗାମ ଧରୁ ଧରୁ ଗୋଟିଏ ଝଟକାରେ ଆରୋହୀ ଫିଙ୍ଗି ହୋଇ ପଡୁଥିଲା ଦଶ ବାର ହାତ ଦୂରରେ । ରାଜ କର୍ମଚାରୀ ଅଶ୍ୱାରୋହୀ ଯେତେ ବିଫଳ ହୋଇ ପଡିଲେ ରାଜା ଫିଲିପ୍‌ସ ଘୋଷଣା କଲେ... ଯିଏ ସେ ଘୋଡ଼ାକୁ କାବୁ କରିବ... ତାକୁ ମୁହଁ ମଗା ଇନାମ ଦେବେ ।

ମାତ୍ର ଆତଙ୍କିତ ହୋଇ ଜୀବନ ଯିବା ଭୟରେ କେହିବି ଆସିଲେନାହିଁ । ସବୁ ପଛଘୁଞ୍ଚା ଦେଲେ । ନିସ୍ତବ୍ଧ ଶୂନ୍‌ଶାନ୍ ଭଳି ଲାଗିଲା ସେ ଲୋକାରଣ୍ୟ । ଦେଖାଦେଲା ଏକ ଅଦ୍ଭୁତ ବିରଳ ଦୃଶ୍ୟ । ହତ ଚକିତ ହେଲେ ଉପସ୍ଥିତ ଥିବା ଯେତେ ଲୋକ । ସେ ଭିଡ଼କୁ ଭେଦ କରି ଜଣେ ବାରବର୍ଷର ବାଳକ ଘୋଡ଼ା ଥିବା ସେ ପ୍ରାନ୍ତରକୁ ଅଚାନକ ଦୌଡ଼ି ଗଲା । ସମସ୍ତେ ତାଜୁବ୍ ଏପରି କି ରାଜା ଫିଲିପ୍‌ସ ମଧ୍ୟ । ସେ ବାଳକ ସଙ୍ଗେ ସଙ୍ଗେ ସେ ଦୁର୍ଦ୍ଦାନ୍ତ ଘୋଡ଼ାଟିକୁ ଗୋଟାଏ ପାର୍ଶ୍ୱକୁ ବୁଲାଇ ତା' ଲଗାମ ଧରି ପକାଇଲା ଓ ଅକ୍ଳେଶରେ ତା' ପିଠିରେ ସବାର ହୋଇ ସେ ପ୍ରାନ୍ତରେ ଦ୍ରୁତବେଗରେ ଘୋଡ଼ା ଚଢ଼ି ବୁଲିଲା । କର ତାଳି ଓ ହାସ୍ୟରୋଳରେ ପ୍ରକମ୍ପିତ ହେଲା ସେ ସ୍ଥାନ ।

ରାଜା ଫିଲିପ୍‌ସ ଦୌଡ଼ି ଆସି କୋଳାଗ୍ରତ କଲେ ସେ ବାଳକକୁ । ସେ ବାଳକ ଅନ୍ୟ କେହି ନଥିଲେ... ସେ ଥିଲେ ତାଙ୍କର ବୀର ଦୁଃସାହସିକ ବିଚକ୍ଷଣ ଧୀସଂପନ୍ନ ପୁତ୍ର ସିକନ୍ଦର ଓରଫ ଆଲେକ୍‌ଜାଣ୍ଡାର ।

ପିତା ଫିଲିପ୍‌ସ ପଚାରିଲେ...ଏ ଉଦ୍ଦାମ ଘୋଡ଼ାକୁ ଏତେ ସହଜରେ ତୁ ବୋଲ ମନାଇଲୁ କେମିତି...

ସିକନ୍ଦର କହିଲେ...ବାପା ! ଏ ଅତି ସାଧାରଣ କଥା... ଘୋଡ଼ାଟି ତାର ଛାଇ ସାମ୍ନାରେ ଦେଖି ଡରୁଥିଲା । ତେଣୁ ଯାହାକୁ ଦେଖୁଥିଲା ଲମ୍ଫ ମାରି ଗୋଡ଼ରେ ମୁଣ୍ଡରେ ଆରୋହୀକୁ ଆଘାତ କରୁଥିଲା । ମୁଁ ତାକୁ ତାର ବିପରୀତ ପାର୍ଶ୍ୱକୁ ବୁଲାଇ ଦେଲି । ତା' ଛାଇ ସେ ଆଉ ଦେଖିପାରିଲା ନାହିଁ । ମୁଁ ସହଜରେ ତା' ଉପରକୁ ଚଢ଼ିଗଲି । ବାପା ପୁଅର ବିଚକ୍ଷଣ ବୁଦ୍ଧି ଦେଖି ଆନନ୍ଦରେ ଫାଟି ପଡ଼ିଲେ । ଏମିତି ଏକ ବୀର ଦୁଃସାହସିକ ପୁତ୍ରର ବାପା ହୋଇଥିବାରୁ ନିଜକୁ ନିଜେ ଧନ୍ୟ ମଣିଲେ ।

ପ୍ରସ୍ତାବ ଆସିଲା ସିକନ୍ଦର ଅଲମ୍ପିକ୍ସ କ୍ରୀଡ଼ାରେ ଘୋଡ଼ା ଚଢ଼ାରେ ଭାଗ ନେବେ । ଆନ୍ତର୍ଜାତିକ ସ୍ତରରେ ନିଶ୍ଚିତ ବିଜୟୀ ହେବେ । ଗ୍ରୀକ୍ ଦେଶର ଯଶ ଗୌରବ ରକ୍ଷା କରିବେ । ମାତ୍ର ସିକନ୍ଦର ଦୃଢ଼ ପ୍ରତିବାଦ କରି ଉଚ୍ଚ ସ୍ୱରରେ କହିଲେ... ସେ ସାଧାରଣ ଅଲମ୍ପିକ୍ସ ଖେଳରେ ଭାଗ ନେବେ ନାହିଁ । ସେ ସାରା ବିଶ୍ୱର ରାଜା । ମାନେ ଯେଉଁ ଦିଗ୍‌ବିଜୟ ରୂପକ ଅଲମ୍ପିକ୍ସ ଖେଳୁଛନ୍ତି ବୀରତ୍ୱ ଦେଖାଇ.... ସେ ସେହି ଅଲମ୍ପିକ୍ସ ଖେଳ ଖେଳିବେ । ରାଜା ମାନଙ୍କ ସହିତ ଓ ସାରା ବିଶ୍ୱକୁ ଜୟ କରିବେ ।

ସେହି ବାଳକ ସିକନ୍ଦର ଦିନେ ବିଶ୍ୱ ବିଜୟ କରି... ନୂଆ ଇତିହାସ ସୃଷ୍ଟିକଲେ । ବହୁ ରାଜ୍ୟ ଦେଶ ଜୟ କରି ଅପ୍ରତିଦ୍ୱନ୍ଦ୍ୱୀ ଗ୍ରୀକ୍ ବୀର ଭାବରେ ସାରା ବିଶ୍ୱର ଯଶ କୀର୍ତ୍ତି ରଖିଯାଇଛନ୍ତି । ଇତିହାସ ତାଙ୍କର ନାମ ଗାଏ... ଗ୍ରୀକ୍ ବୀର ବିଶ୍ୱ ବିଜୟୀ ଆଲେକ୍‌ଜାଣ୍ଡାର ଭାବରେ... ସେ ସବୁଠୁ କମ୍ ମାତ୍ର ୨୩ ବର୍ଷ ବୟସରେ ଯେତିକି ରାଜ୍ୟ ଜୟ କରିଥିଲେ ତାଙ୍କ ପୂର୍ବରୁ କି ପରେ... ଆଜି ପର୍ଯ୍ୟନ୍ତ କେହି ସେ ବୀରତ୍ୱ ଦେଖାଇ ସେତିକି ରାଜ୍ୟ ଜୟ କରି ପାରିନାହାଁନ୍ତି ।

*କୋହି, ବାରିପଦା, ମୟୂରଭଞ୍ଜ*
*ଦୂରଭାଷ-୮୦୧୮୩୫୩୩୨୨*

# ଡାକ୍ତରଟିଏ ମୁଁ ହୋଇବି

*ସୁରମା ମିଶ୍ର*



ଡାକ୍ତର ଟିଏ ମୁଁ ହୋଇବି
ମନ ପ୍ରାଣ ଦେଇ ରୋଗୀ ସେବା କରି
ଜୀବନ ବିତାଇ ଦେବି

କେତେ ଅସହାୟ ରୋଗୀ
ଅଭାବରେ ପଡି ଚିକିତ୍ସା ନପାଇ
ମରୁଛନ୍ତି କଷ୍ଟ ଭୋଗି

ପ୍ରଥମେ ତାଙ୍କୁ ଖୋଜିବି
ସେବା ମନୋବୃତ୍ତି ମନରେ ରଖି ମୁଁ
ତାଙ୍କରି ସେବା କରିବି

ଉତ୍ତମ ସେବା ମୁଁ ଦେଇ
ଜୀବନକୁ ମୋର ସାର୍ଥକ ମଣିବି
ତା ମୁଖେ ହସ ଫୁଟାଇ

ରୋଗୀର ଫୁଟନ୍ତା ହସ
ଭରି ଦେବ ମନେ ଶକ୍ତି ଓ ସାହସ
ପାଇବି ଆତ୍ମ ସନ୍ତୋଷ

ଅପହଞ୍ଚ ଅଞ୍ଚଳକୁ
ଯାଇ ମୁଁ ରୋଗୀଙ୍କୁ ସେବା ଯୋଗାଇବି
ଦୃଢ଼ କରି ମୋ ମନକୁ

ମୃତ୍ୟୁ ପରେ ଅଙ୍ଗ ଦାନ
କରିବାକୁ ତାଙ୍କୁ ବୁଝାଇ କହିବି
କରାଇବି ସଚେତନ

ଦାତବ୍ୟ ଚିକିତ୍ସାଳୟ
ଖୋଲିବିରେ ଭାଇ ଖୋଲିବି ମୁଁ ଦିନେ
ଦେଇ ମୋର ପରିଚୟ

ଏତିକି ମୋ ଅଭିଳାଷ
ପୂରଣ କର ହେ ଜଗତର ନାଥ
ଦିଅ ମୋତେ ଶୁଭାଶିଷ ।

*ବି ଏଲ ୩୯, ଭି ଏସ ଏସ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*



# ଅଜାଙ୍କର ଉପଦେଶ

*ଶୁଭଦର୍ଶିନୀ ଦାଶ*

ଅଜା କହନ୍ତି କୁନାକୁ ଡାକି
ଜାଣିଛୁ ତୁ କାହିଁକି ବେଗେ ଯାଉଛୁ ଥକି
ଓଜନ ତୋହର ବଢ଼ି ଗଲାଣି
ମେଦବହୁଳତାର ତୁ ଶିକାର ହେଲୁଣି,
ଦେଖ ମୋତେ,
ବୟସ ମୋର ଷାଠିଏ ହେଲାଣି
କୋଷେ ବାଟ ମୁଁ ନିତି ଚଲାଉଛି ଶୂନଗାଡି
ଆଜିବି ଲାଗୁଛି ମୁଁ ବାହୁବଳୀ

ଟିଭି, ମୋବାଇଲ ଦେଖା ଛାଡି
ନିୟମିତ ବ୍ୟାୟାମ କର ସମୟ କାଢି
ପନିପରିବା, ଫଳମୂଳ, ଶାଗ
ହେଉ ଅବା ମାଛ, ମାଉଁସ
ଖାଆରେ ତାହାକୁ
ଯାହା ଘରେ ହେଉଛି ପ୍ରସ୍ତୁତ

ପିଜ୍ଜା, ବର୍ଗର, ଗୁପଚୁପ, ଚାଟ
ତାକୁ କରି ନିତି ଆହାର
ଖୋଲି ଦେଲୁଣି
ତୋ ଦେହରେ ରୋଗର ଦୁଆର
ଆଜି ଯେବେ ତୁ ଏକଥା ନ ବୁଝିବୁ
ବୟସ ବଢିଲେ ଔଷଧ ସହିତ ମିତ
ବସିବୁ

ବୁଝିଯାଆରେ ମୋର ପ୍ରିୟ ନାତି
ତୋ ପାଇଁ ଗୋଟିଏ ଶୂନଗାଡି ମୁଁ ଆଣି ଦେବି
କରିବନି ସିଏ ରଡି
ତାକୁ ଚଢ଼ି ଅଜା ନାତି ଆମେ ଯିବା ବୁଲି ।

*ଭୁବନେଶ୍ୱର*
*ମୋ- ୮୨୮୦୩୧୧୦୦୦*

# ବିଦ୍ୟା ଧନ

*ନଳିନୀ ଦାଶ*

ବିଦ୍ୟା ଅଟଇ ମହାଧନ
ବାଳକେ କର ଉପାର୍ଜନ
ବିଦ୍ୟା ଆୟତ୍ତେ ବଢେ ଜ୍ଞାନ
ମନେ ରଖିବ ଶିଶୁଗଣ
ବିଦ୍ୟା ବାଣ୍ଟିଲେ ବଢେ ଜ୍ଞାନ
ଶିଶୁଏ କର ଅରଜନ
ପଢ଼ିବ ନିତି ଶାସ୍ତ୍ର ଜ୍ଞାନ
ପଣ୍ଡିତେ ହୋଇବ ଗଣନ
ବିଦ୍ୟାକୁ ଚୋର ନେବ ନାହିଁ
ଭାଇ ବି ଭାଗ ଖୋଜେ ନାହିଁ
ନିଆଁ ତା ପାଖ ମାଡ଼େ ନାହିଁ
ପବନେ କେବେ ଉଡ଼େ ନାହିଁ
ଆୟତ୍ତ ଯେତେ କରୁଥିବ
ଜ୍ଞାନୀରେ ଗଣା ହେଉଥିବ
ଉଡିବ ଯଶ ଗଉରବ
ସବୁଠି ଆଦର ପାଇବ
ସମାଜେ ପାଇବ ସମ୍ମାନ
ଦେଶେ ବିଦେଶେ ବଢେ ମାନ
ତୁଚ୍ଛ ଭାବନା ଶିଶୁଗଣ
ବିଦ୍ୟାରେ ନର ବଳିୟାନ
ବାଲ୍ୟରୁ କର ଆହରଣ
ପ୍ରତିଷ୍ଠା ପାଇବଟି ଜାଣ
କରିବ ଯଦି ହେୟଜ୍ଞାନ
ଦୁଃଖରେ କଟିବ ଜୀବନ ।

*ଭିକରିପଡା, ଶରଣକୁଳ, ନୟାଗଡ଼*
*ଦୂରଭାଷ- ୯୨୩୮୯୯୬୬୪୯*



# ଜିନା ପାଇଁ ଗୀତଟିଏ

*ନୀଳମଣି ଚାନ୍ଦ*



ଦେଖରେ ଅଝଟ ଆମ ଜିନାର
କହୁଛି ଦେଖିବ ଗାନ୍ଧୀ ମୀନାର
କାନ୍ଦୁଛି ବସି
ନାକକୁ ଦେଉଛି କାନ୍ଥରେ ଘଷି ।

ଅପା ଦେଖି ଦେଇ ଆସିଲେ ଧାଇଁ
କହିଲେ ଏମିତି କରନ୍ତି ନାହିଁ
ଛିଣ୍ଡିବ ନାକ
ସୂର୍ପଣଖା ବୋଲି ଡାକିବେ ଲୋକ ।

କଅଣ ବୁଝିଲା କେଜାଣି ସିଏ
ଚୁପ୍ ହେଲା ଯେମିତି ସୁନାଟିଏ
ପୋଛିଲା ଲୁହ
ପଚାରିଲା ଯିବା କେବେରେ କୁହ ।



ଅପା ତ କହିଲେ ପରୀକ୍ଷା ସରୁ
ଯିବେରେ ସମସ୍ତେ ଆମରି ଘରୁ
ସମ୍ବଲପୁର
ହେଉ ପଛେ ସିଏ ବହୁତ ଦୂର ।

ଅଛି ଗାନ୍ଧୀ, ଜ୍ୱାହର ମୀନାର
ପାଖେ ହୀରାକୁଦ ଜଳଭଣ୍ଡାର
ତା'ପରେ ଯାଇ
ଦେଖିବା ଆମେରେ ମା' ସମଲେଇ ।

ରହିଛି କେତେ ଦର୍ଶନୀୟ ସ୍ଥାନ
ବୁଲି ଦେଖିଲେରେ ବଢିବ ଜ୍ଞାନ
ବୁଝିଲା ଜିନା
କହିଲା 'ସୁନାଟି ମୋ ଅପା ସିନା ।'

*ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*

# କୁନା ଶିଖିଲା ପିମ୍ପୁଡ଼ି ଠାରୁ

*ଅମରନାଥ ବାରିକ୍*



ପିମ୍ପୁଡ଼ି ଭାଇ ପିମ୍ପୁଡ଼ି ଭାଇ
କଥା ପଚାରିବି ଦେବକି କହି ।
କୁଆଡ଼େ ଯାଉଛ ମୋ କଥା ଶୁଣ
ଦେଉଅଛି ମୁହିଁ ତୁମକୁ ରାଣ ।

ଟିକିଟିକି ଗୋଡ଼ ଛୋଟ ଶରୀର
ଟିକି ହାତେ ବଡ଼ କାମଟି କର ।
ଉପାୟ ତାହାର ଦେବକି କହି
ଦଣ୍ଡେ ବିଶ୍ରାମରେ ମୋ ପାଖେ ରହି ।

ବରଷା ଆଗରୁ ଆହାର ରଖ
ଭଲ ମନ୍ଦ ସବୁ ବୁଝି ପରଖ ।
ଯିବାବେଳେ ବାଟେ ଧାଡ଼ିରେ ଚାଲ
ମାନ ନାହିଁ କେବେ ଡିପ କି ଖାଲ ।

ମିଳିମିଶି ସବୁ ସାଙ୍ଗରେ ରୁହ
ତୋର ମୋର କିଛି କେବେ ନକୁହ ।
ସାଥି ହୋଇ ସବୁ ଏକାଠି ଖାଅ
ଶୃଙ୍ଖଳାରେ ମନେ ମନ ମିଳାଅ ।

ଏକ ଆରେକର ସହାୟ ହୋଇ
ଖୋଜି ବୁଲୁଥାଅ ଆହାର ପାଇଁ ।
ପାଇଲେ ସଭିଏଁ ନିଅ ଗଡ଼େଇ
ଟିକି ମନେ ବଡ଼ ଆଶାଟି ନେଇ ।

ପିମ୍ପୁଡ଼ି କହିଲା କୁନାକୁ ଚାହିଁ
ବସ ମୋର ପାଖେ ଦେବି ବତାଇ ।
ଏଥର କଥା ମୋ ଶୁଣ ଧ୍ୟାନରେ
ଯାହା ମୁଁ କହୁଛି ଛୋଟ ପାଟିରେ ।

ସର୍ବଦା ହୋଇବ ପରୋପକାରୀ
ମନେ ଉଚ୍ଚ ଆଶା ବିଶ୍ୱାସ ଭରି ।
ହୁଅ ପଛେ ଛୋଟ ପିଲାଟି ତୁମେ
ନିଜକୁ ମଣିବ ନର ପ୍ରଥମେ ।

ନରଖିବ ସ୍ୱାର୍ଥ ଜୀବନେ କେବେ
ମଣିଷରେ ଗଣା ହୋଇବ ତେବେ ।
ପାଠ ସାଠ ଜ୍ଞାନ ବିବେକ ବୁଦ୍ଧି
ରଖିବ ବିଚାର ଉଚିତ ଯଦି ।

କରୁଥିବ କାମ ଯେତେ କଠିନ
ଅଳସୁଆ ହେବ ନାହିଁଟି ଧନ ।
ଜିତିବ ନିଶ୍ଚିତ ଜୀବନ ବାଜି
ନହୋଇବେ ଜନେ କେବେ ଅରାଜି ।

କାଲି କାମ ପୁଣି ଆଜି କରିବ
ଦେଶ ଜାତି ଲାଗି ଜୀବନ ଦେବ ।
ଅଳପରେ ଖୁସି ହୋଇ ରହିବ
ଅଧିକ ଧନେ ଲୋଭ ନରଖିବ ।

ସମୟର ସଦୁପଯୋଗ କରି
ଚଲାଇବ ହସି ଜୀବନ ତରୀ ।
ନକରିବ ହେଳା ପିତା ମାତାଙ୍କୁ
ପୂଜୁଥିବ ସଦା ମାନି ଏହାଙ୍କୁ ।

ପିମ୍ପୁଡ଼ି ଭାଇର ହିତ କଥାକୁ
ଶୁଣି କୁନା ସବୁ ନେଲା ମନକୁ ।
କରିବ ଯାହା ସେ କହିଲେ ସବୁ
ଏବେ ଠାରୁ ଲାଗି ପଡ଼ିଲେ ବାବୁ ।

*କୟାଁ, ମଙ୍ଗଳପୁର, ଯାଜପୁର, ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧*
*ଦୂରଭାଷା - ୯୫୪୦୩୦୮୦୯୫*

# ଫୁଲେଇ ପୁଷି

*ରାମଚନ୍ଦ୍ର ବେହେରା*

ଫୁଲେଇ ପୁଷି ଲୋ ଫୁଲେଇ ପୁଷି
କାହିଁକି ବସିଛୁ ଏଇଠି ରୁଷି
ମାଛ ଭାତ ତୋତେ ଦେଇନି କି ମାଆ
ରୋଷେଇ କରୁଛି ସକାଳୁ ବସି
ମୁଣ୍ଡକୁ ହଲାଇ କହିଲା ପୁଷି
ମାଆ ପଢୁଛନ୍ତି ପୁରାଣ ବସି
କ୍ଷୀର ଟିକେ ଯଦି ଝଅଟ ଦିଅନ୍ତୁ
ସରାଗରେ ତାକୁ ଦିଅନ୍ତି ଶୋଷି
କୁନା ଆଣିଦେଲା କ୍ଷୀର ଗିଲାସେ
ପୁଷି ପିଇଗଲା ତାକୁ ହରଷେ
ମିଆଉଁ ମିଆଉଁ ଡାକି ଡାକି ସିଏ
ମାଆଙ୍କୁ ଖୋଜିଲା ଖାଇବା ଆଶେ
ପୁଷିକୁ ବୁଝାଇ କହିଲେ ମାଆ
ପୂଜା ପାଇଁ ଆଜି ହେବ ଅରୁଆ
ମାଛ ଭାତ ତୋତେ କାଲିକି ମିଳିବ
କ୍ଷୀର ଭାତ ଆଜି ଶ୍ରଦ୍ଧାରେ ଖାଆ
ଲାଞ୍ଜକୁ ହଲେଇ କହିଲା ପୁଷି
କ୍ଷୀର ଭାତ ମୋତେ ଦିଅଇ ଖୁସି
ତୁମ ହାତ ରନ୍ଧା ଯାହା କିଛି ଦେବ
ଖାଇବି ତାହାକୁ ଆନନ୍ଦେ ହସି ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*



# କେହି ବି ନୁହେଁ ହୀନ

*କୀର୍ତ୍ତନ ସାହୁ*



ସିପୁ ଦେଖିଲା ତା ପଢା ଘରେ
କାଗଜ ପଡ଼ି ଅଛି
ପେନ୍‌ସିଲ୍ ସିଏ କାଟିଲା ବେଳେ
ତା ଗୁଣ୍ଡ ପଡ଼ି ଅଛି

ଘରଟି ଝାଡୁ ମାରିଲେ ମାଆ
ସଫା ହୋଇଲା ଏବେ
ସିପୁ ବୁଝିଲା ମଇଳା ଆଉ
କରିବ ନାହିଁ କେବେ

ମାଆ କହିଲେ ଏଇ ଝାଡୁକୁ
ହେୟ ମଣିବୁ ନାହିଁ
ଝାଡୁ ଥିବାରୁ ଘର ବାହାର
ସଫା ଯେ ହୋଇଥାଇ

ଝାଡୁ ମାରିଲେ ଘରେ ନିଇତି
ସଫା ସୁତୁରା ହେବ
ଘର ଆମର ସ୍ୱଚ୍ଛ ରହିଲେ
ସଭିଙ୍କୁ ଖୁସି ଦେବ

ଝାଡୁ କି ଝାଡୁଦାର କେହିବି
ସମାଜେ ନୁହେଁ ହୀନ
ତାଙ୍କରି ସେବା ସମାଜେ ଆମ
ବଢାଇ ଥାଏ ମାନ ।



*ମିଶ୍ର କଲୋନୀ, ଶାଳ ପଡ଼ା, କେନ୍ଦୁଝର*
*ମୋ- ୯୪୩୮୪୧୪୭୦୧*



# ଗଛ ଓ ବୀଜ

*ମିନାକ୍ଷୀ ଦ୍ୱିବେଦୀ*





ଗଛୁ ଜାତ ହୁଏ ବୀଜ, ବୀଜୁ ପୁଣି ଗଛ,
କହି ନ ପାରନ୍ତି କେହି, କେ ଆଗ କେ ପଛ

ଯେଉଁ ଗଛ ଜାତ କରେ ନବ ସୂକ୍ଷ୍ମ ବୀଜ,
ସେହି ବିଜେ ଗଛ ଆତ୍ମା ରହିଥାଏ ହେଜ

ଛୋଟ ହେଉ ବଡ଼ ହେଉ ଯେ ଗଛ ଯେପରି,
ତା'ର ସବୁଜିମା ବିଜେ ରହିଥାଏ ଭରି

ଧୀରେ ଧୀରେ ସେହି ବୀଜ ଅଙ୍କୁରିତ ହୋଇ
ଦୁଇରୁ ଚାରି ପତର ପ୍ରଥମେ ଦିଶଇ

କେତେ ବୀଜ ଆଖିକୁ ଯେ ସମାନ ଦିଶଇ,
ଗଛ ହେଲେ ତା ଆକାର, ପ୍ରକାର ବଢଇ

ଆସ୍ତେ ଆସ୍ତେ ଫଳ, ପୁଷ୍ପ ଶାଖା ଯେ ବଢ଼ଇ,
ଯା ସ୍ୱଭାବ ଯେଉଁପରି ସେ ରସ ଲଭଇ

ମାଟିରୁ ଜଳ, ଖାଦ୍ୟ, ରସାୟନ ଦ୍ରବ୍ୟ,
ଶୋଷି ଚେର ଯୋଗାଏ ତା ଶରୀରକୁ ସର୍ବ

ସୂରୁଜ କିରଣେ ଯେତେ ଆଲୋକ ଶ୍ଳେଷଣ,
ହୃଷ୍ଟ ପୃଷ୍ଟ ସତେଜ ଯେ ହୁଏ ବୃକ୍ଷ ମାନ

ବିଗତରୁ ଆଗତ ଯେତେ ତୁଳି ଦେଖ,
ରଙ୍ଗ, ରୂପ, ଆକାର ଆଗ ଲାଗେ ଏକ

ଯାହା ପାଇଁ ଯେଉଁ ବୀଜ ଗଢିଅଛି ବିହି,
ସେହି ଗଛ ସେହି ବୀଜୁ ଧରିଅଛି ମହୀ

ସ୍ରଷ୍ଟା ଏକ ସୃଷ୍ଟି ଭିନ୍ନ, ଭିନ୍ନ ବୃକ୍ଷ ରାଜି,
ଅସୁମାର, ଅଗଣିତ ଭିନ୍ନ ତାର ମଞ୍ଜି

ସୁନ୍ଦର ଏଇ ଅବନୀ ପ୍ରକୃତି ବିନ୍ୟାସ,
ଦେବ ବରଦାନ ଅଟେ ନାହିଁ ତାର ଶେଷ ।

*ମୋ- ୭୯୭୮୦୮୨୮୩୪*

# ବସନ୍ତ ଗୀତିକା

*ଜଗଦୀଶ ସାହୁ*

କମିଲାଣି ଶୀତ ଗାଇଲାଣି ଗୀତ
କୁହୁକୁହୁ ସୁରେ କୋଇଲି
ଧରାରେ ବସନ୍ତ ହେଲା ଉପଗତ
ଏଇ ସନ୍ଦେଶ ମୁଁ ପାଇଲି !
ଆମ୍ବ ବଉଳର ବାସ ସୁମଧୁର
ଖେଳିଗଲା ଚଉଦିଗରେ
ବୁଡୁବୁଡୁ ବେଳ ବହିଲା ଶୀତଳ
ପବନ ମନ୍ଥର ବେଗରେ !

ଜେଜେ ପାଶେ ବସି ଜେଜେମା' ହସି
ଗାଇଲେ ବସନ୍ତ କବିତା
ଗାଉଗାଉ ଗୀତ ଦୂର ପରବତ
ଉହାଡ଼େ ଲୁଚିଲେ ସବିତା !
ଧିରେ ଧିରେ ଶଶୀ ଶୋଭା ପରକାଶି
ଧରାରେ କିରଣ ବୁଣିଲେ
ଜେଜେ ଟେକି ମଥା କହି ହସ କଥା
ଜେଜେମାଆ ମନ ଜିଣିଲେ !

*ସଂଜପଡା, ହିନ୍ଦୋଳ, ଢେଙ୍କାନାଳ- ୭୫୯୧୨୮*
*ମୋ-୯୦୭୮୧୮୫୬୧୬*



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
# ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୧ ● ସଂଖ୍ୟା–୩୪ ● ୨୯ ଫେବୃୟାରୀ ୨୦୨୪, ଗୁରୁବାର ● ଭୁବନେଶ୍ୱର ● Vol -31 ● Issue-34 ● 29th February 2024, Thursday ● Bhubaneswar
Licensed to post without pre-payment of postage No- BN-60/22-24

## ନାଥସାହି ପଞ୍ଚାୟତର ନୂଆପଡ଼ାରେ କ୍ରିକେଟ୍ ଏକାଡ଼େମୀ ଗ୍ରାଉଣ୍ଡ ଉଦ୍‌ଘାଟିତ






# ଜିଲ୍ଲା ବିଜ୍ଞାନ କେନ୍ଦ୍ର ତଥା ପ୍ଲାନେଟୋରିୟମ ଉଦ୍‌ଘାଟନ ଓ ଭିତ୍ତି ପ୍ରସ୍ତର ସ୍ଥାପନ

ଭୁବନେଶ୍ୱର,୨୮।୨
ନ୍ୟୁଜ୍ ବ୍ୟୁରୋ



ବୁଧବାର ଜାତୀୟ ବିଜ୍ଞାନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋରାପୁଟ ଜିଲ୍ଲା ଜୟପୁରରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର, ରାୟଗଡ଼ାରେ ପ୍ଲାନେଟୋରିୟମ, କେନ୍ଦୁଝର ଜିଲ୍ଲା ଘଟଗାଁରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟୋରିୟମ ଓ ମୟୂରଭଞ୍ଜ ଜିଲ୍ଲା ବାରିପଦାଠାରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟୋରିୟମ ଉଦ୍‌ଘାଟନ କରିବା ସହିତ କଳାହାଣ୍ଡି, ବୌଦ୍ଧ, କେନ୍ଦ୍ରାପଡ଼ା, ଝାରସୁଗୁଡ଼ା, ଗଜପତି, ନୂଆପଡ଼ା ଓ ଜଗତସିଂହପୁର ଜିଲ୍ଲା ବିଜ୍ଞାନ କେନ୍ଦ୍ର ନିର୍ମାଣ ପାଇଁ ଭିତ୍ତି ସ୍ଥାପନ କରିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଜ୍ଞାନ ଓ ବିକାଶ ସମତାଳରେ ଆଗକୁ ବଢିଥାଏ। ବିଜ୍ଞାନ ବିନା ବିକାଶ ଅସମ୍ପୂର୍ଣ୍ଣ। ପ୍ରତିଦିନ ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ ସମାଜର ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ଆଣୁଛି। ଶିକ୍ଷା କ୍ଷେତ୍ରରେ ଏହାର ବିଶେଷ ଗୁରୁତ୍ୱ ରହିଛି। ୫-ଟି ସ୍କୁଲ ରୂପାନ୍ତରଣରେ ଆଜି ବୈଷୟିକ ଜ୍ଞାନକୌଶଳକୁ ବ୍ୟବହାର କରି ସ୍ମାର୍ଟ କ୍ଲାସ୍ ରୁମ୍, ଇ- ଲାଇବ୍ରେରୀ, ମଡର୍ଣ୍ଣ ଲାବୋରଟୋରୀ ଆଦି ବିକାଶ କରାଯାଇଛି। ପ୍ରତି ଜିଲ୍ଲାରେ ବିଜ୍ଞାନ କେନ୍ଦ୍ର ଖୋଲିବା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଜ୍ଞାନକୁ ଲୋକପ୍ରିୟ କରିବା ଓ ବୈଷୟିକ ଜ୍ଞାନକୌଶଳର ବ୍ୟବହାରରେ ବୃଦ୍ଧି ପାଇଁ ରାଜ୍ୟ ସରକାର ପ୍ରତି ଜିଲ୍ଲାରେ ବିଜ୍ଞାନ କେନ୍ଦ୍ର ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥି ସହିତ ପ୍ଲାନେଟୋରିୟମ ତଥା ସ୍କୁଲମାନଙ୍କରେ ଇନୋଭେସନ ସେଣ୍ଟର ଖୋଲିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଆଗାମୀ ଦିନରେ ଭଦ୍ରକରେ ବିଜ୍ଞାନ କେନ୍ଦ୍ର ଏବଂ ବଲାଙ୍ଗୀର, ସୁନ୍ଦରଗଡ଼ ଓ ଗଞ୍ଜାମ ଜିଲ୍ଲାରେ ବିଜ୍ଞାନ କେନ୍ଦ୍ର ସହିତ ପ୍ଲାନେଟୋରିୟମ ମଧ୍ୟ ଖୋଲାଯିବ। ଏହି ସବୁ ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟୋରିୟମ ପିଲାମାନଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବାରେ ସଫଳ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ମୁଁ ଚାହେଁ ମୋ ରାଜ୍ୟର ପିଲାମାନେ ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ଆଗରେ ରୁହନ୍ତୁ। ଦକ୍ଷ ହୁଅନ୍ତୁ ଓ ଓଡ଼ିଶାର ସୁନାମ ବୃଦ୍ଧି କରନ୍ତୁ। ଏଥି ସହିତ ମୁଖ୍ୟମନ୍ତ୍ରୀ ନୂଆ ଓଡ଼ିଶା ଗଠନର ସ୍ୱପ୍ନକୁ ସାକାର କରିବା ପାଇଁ ସମ୍ମିଳିତ ଭାବେ କାମ କରିବା ପାଇଁ ଆହ୍ୱାନ ଦେଇଥିଲେ।

ସୂଚନାଯୋଗ୍ୟ ଯେ ୫-ଟି ଉପକ୍ରମରେ ନିର୍ମିତ ପ୍ରତ୍ୟେକ ବିଜ୍ଞାନ କେନ୍ଦ୍ର ପାଇଁ ୬.୫ କୋଟି ଟଙ୍କା, ପ୍ଲାନେଟୋରିୟମ ପାଇଁ ୧୫ କୋଟି ଟଙ୍କା ଏବଂ ବିଜ୍ଞାନ କେନ୍ଦ୍ର ତଥା ପ୍ଲାନେଟୋରିୟମ ପାଇଁ ୨୧.୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି।

କାର୍ଯ୍ୟକ୍ରମରେ ରାଜ୍ୟ ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଜୟପୁରରେ ଯୋଗଦେଇ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ବିଜ୍ଞାନକୁ ଲୋକପ୍ରିୟ କରିବାର ଏହି ଉଦ୍ୟମ ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କ ପାଇଁ ବହୁ ଉପାଦେୟ ସାବ୍ୟସ୍ତ ହେବ ଏବଂ ଏହି ସମୟୋପଯୋଗୀ ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଚ୍ଚ ପ୍ରଶଂସା କରିଥିଲେ।

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପିଲାମାନଙ୍କ ସହିତ ଆଲୋଚନା କରି ବିଜ୍ଞାନ ଶିକ୍ଷା ସେମାନଙ୍କ ଜୀବନକୁ ପରିବର୍ତ୍ତନ କରିବା ସହିତ ସମାଜକୁ ମଧ୍ୟ ପରିବର୍ତ୍ତନ କରିଥାଏ ବୋଲି କହିଥିଲେ। ରାଜ୍ୟ ସରକାର ୫-ଟି କାର୍ଯ୍ୟକ୍ରମରେ କରୁଥିବା ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ, ନୂଆ-ଓ କାର୍ଯ୍ୟକ୍ରମ ଆଦି ଶିକ୍ଷା କ୍ଷେତ୍ରରେ ପିଲାଙ୍କ ପାଇଁ ଭଲ ପ୍ଲାଟଫର୍ମ ତିଆରି କରିଛି ବୋଲି ମତ ଦେଇ ସେ ପିଲାମାନଙ୍କୁ କଠିନ ପରିଶ୍ରମ କରି ଜୀବନରେ ସଫଳ ହେବାକୁ ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମରେ ଭବାନୀପାଟଣାଠାରେ ସାଂସଦ ସୁଜିତ କୁମାର, ରାୟଗଡ଼ାଠାରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ଓ ଘଟଗାଁଠାରେ ବିଧାୟକ ବଦ୍ରିନାରାୟଣ ପାତ୍ର ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ ପ୍ରତି ଆକର୍ଷିତ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଏହି ଯୁଗପୋଯୋଗୀ ପଦକ୍ଷେପ ପାଇଁ ଧନ୍ୟବାଦ ଦେଇଥିଲେ।

କାର୍ଯ୍ୟକ୍ରମରେ ବିଜ୍ଞାନ ଓ ବୈଷୟିକ ବିଭାଗ ପ୍ରମୁଖ ଶାସନ ସଚିବ ଚିତ୍ରା ଆରୁମୁଗମ୍ ସ୍ୱାଗତ ଭାଷଣ ଦେଇଥିଲେ ଏବଂ କଳାହାଣ୍ଡି ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଜନ୍ମମାଟିର ମୋହ ମୋତେ ଏଠାକୁ ବାରମ୍ବାର ଟାଣି ଆଣୁଛି

ରାଇରଙ୍ଗପୁର,୨୮।୨
ନ୍ୟୁଜ୍ ବ୍ୟୁରୋ



ଗତବର୍ଷ ମେ' ମାସରେ ଏଠାକୁ ଆସିଥିଲି। ରାଷ୍ଟ୍ରପତି ହେବା ପରେ ତାହା ଥିଲା ଜନ୍ମମାଟିକୁ ମୋର ପ୍ରଥମ ଆଗମନ। ଜନ୍ମମାଟିଠାରୁ ବହୁ ଦୂରରେ ରହୁଛି। କିନ୍ତୁ ଜନ୍ମମାଟିର ମୋହ ମୋତେ ଏଠାକୁ ବାରମ୍ବାର ଟାଣି ଆଣୁଛି। ଏମାଟିର ଶ୍ରଦ୍ଧା ପାଇଁ ମୁଁ ମହାମହିମ୍ ହୋଇପାରିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ଏହା କହିଛନ୍ତି।

୪ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ମୟୂରଭଞ୍ଜର ରାଇରଙ୍ଗପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ଗତବର୍ଷ ନଭେମ୍ବର ମାସରେ ମଧ୍ୟ ଜନ୍ମମାଟିକୁ ଆସିଥିଲି। ସେହି ଗସ୍ତ ସମୟରେ ରାଇରଙ୍ଗପୁର, ବାଦାମପାହାଡ଼, ଟାଟାକୁ ରେଳ ଚଳାଚଳ ପାଇଁ ଟ୍ରେନର ଶୁଭାରମ୍ଭ କରିଥିଲି। ସେହି ଗସ୍ତ କାଳରେ ଡାକ ସୁବିଧା ମଧ୍ୟ ଲୋକାର୍ପଣ ହୋଇଥିଲା। ଏହି ମାଟିରୁ ମୁଁ ଜନସାଧାରଣଙ୍କ ମୁହଁକୁ ଆସିଥିଲି। ହୋଲିଡେ ହୋମ୍ ପାଇଁ ଶିଳାନ୍ୟାସ କରି ମୁଁ ଖୁସି ଅନୁଭବ କରୁଛି। ଆଦିବାସୀ ଯୁବକଯୁବତୀମାନେ ଖେଳକୁ ଅଧିକ ଭଲ ପାଆନ୍ତି। ଏଠାରେ ଖେଳାଳିମାନେ ତାଲିମ ନେଇ ନାମ କରିବେ। ଦେଶର ବିଭିନ୍ନ ସ୍ଥାନରୁ ଖେଳାଳିମାନେ ଏଠାକୁ ଆସିବେ। ଏହା ଦ୍ୱାରା ସ୍ଥାନୀୟ ଲୋକଙ୍କୁ ରୋଜଗାର ମିଳିବ। ଏହି ଅଞ୍ଚଳର ବିକାଶ ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନେଉଛନ୍ତି।

ମହାମହିମ କହିଥିଲେ ଯେ, ଆମ ଅଞ୍ଚଳ ଏକ ଆଦିବାସୀ ଅଞ୍ଚଳ। ଭାରତ ସରକାର ଆଦିବାସୀମାନଙ୍କ ଉନ୍ନତି ପାଇଁ ଏକାଧିକ ପଦକ୍ଷେପ ନେଇଛନ୍ତି। ଆଦିବାସୀମାନେ ଜଙ୍ଗଲରୁ ମିଳୁଥିବା ଅନେକ ଜିନିଷ ବିକ୍ରି କରି ଚଳିଥାନ୍ତି। ୯୦ରୁ ଅଧିକ ଜିନିଷ ଉପରେ ସରକାର ଏମ୍‌ଏସ୍‌ପି ଲାଗୁ କରିଛନ୍ତି। ସରକାର ଆଦିବାସୀ ମହିଳାମାନଙ୍କୁ କମ୍ ସୁଧରେ ଋଣ ଦେଉଛନ୍ତି। ଆଦିବାସୀଙ୍କ ସୁବିଧା ପାଇଁ ଜଳ, ବିଦ୍ୟୁତ, ମୋବାଇଲ ସେବା ଯୋଗାଇ ଦେଉଛନ୍ତି। ସିକିଲ ସେଲ ରୋଗ ନିରାକରଣ ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ଏକଲବ୍ୟ ଆବାସିକ ବିଦ୍ୟାଳୟ ମାଧ୍ୟମରେ ଆଦିବାସୀ ପିଲାମାନଙ୍କୁ ଶିକ୍ଷା ଦିଆଯାଉଛି। ଓଡ଼ିଶାରେ ୮୭ଟି ନୂଆ ବିଦ୍ୟାଳୟ ଖୋଲାଯିବ। ଏଥିରୁ ମୟୂରଭଞ୍ଜରେ ୧୯ଟି ରହିଛି। ସରକାର ବିଦ୍ୟାଳୟ ପ୍ରତିଷ୍ଠା କରିବେ। କିନ୍ତୁ ପିଲାମାନଙ୍କୁ ବିଦ୍ୟାଳୟ ପଠାଇବା ପାଇଁ ଅଭିଭାବକଙ୍କ ଦାୟିତ୍ୱ। ଓଡ଼ିଶାରେ ୬୨ ପ୍ରକାରର ଆଦିବାସୀ ଅଛନ୍ତି। ଭାରତ ସରକାର ଏଥିରେ ୨ଟି ସଂପ୍ରଦାୟକୁ ଯୋଡ଼ି ୬୪ ପ୍ରକାରର କରିଛନ୍ତି। କେନ୍ଦ୍ର ଓ ରାଜ୍ୟର ମିଳିତ ସହଯୋଗ ବଳରେ ବିକାଶ ହୋଇପାରିବ।

୪ଦିନିଆ ଓଡ଼ିଶା ଗସ୍ତରେ ଆସି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରରେ 'ହୋଲିଡେ ହୋମ୍'ର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ସେ ରାଞ୍ଚି-ବିଜୟୱାଡା ୨୨୦ ନଂ ଜାତୀୟ ରାଜପଥର ଦୁଇ ଲେନ୍ ବିଶିଷ୍ଟ ବାଇପାସ୍ ରାସ୍ତା, ରାଇରଙ୍ଗପୁରରୁ ଯଶୀପୁର ପର୍ଯ୍ୟନ୍ତ ୨୨୦ ନଂ ଜାତୀୟ ରାଜପଥର ସମ୍ପ୍ରସାରଣ ଓ ପ୍ରଶସ୍ତିକରଣ ପ୍ରକଳ୍ପ, ବାଙ୍ଗିରପୋଷି ଉପଖଣ୍ଡରେ କ୍ରୀଡ଼ାର ଭିତ୍ତିଭୂମିର ବିକାଶ ପାଇଁ ସ୍ପୋର୍ଟସ କମ୍ପଲେକ୍ସ ଓ ଏସ୍‌ଟି ଏସ୍‌ସି ରିସର୍ଚ୍ଚ ସେଣ୍ଟର୍ (ଆଦିବାସୀ ସଂଗ୍ରହାଳୟ) ପାଇଁ ଶିଳାନ୍ୟାସ ଓ ବଡ଼ସାହିସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଆଭାଷୀ ମାଧ୍ୟମରେ ଲୋକାର୍ପଣ କରିଛନ୍ତି।

## ନୌସେନାର ବଡ଼ ଚଢ଼ଉ
# ୩,୩୦୦ କିଲୋଗ୍ରାମ ଡ୍ରଗ୍ସ ଜବତ



ନୂଆଦିଲ୍ଲୀ,୨୮।୨

ଏକ ମିଳିତ ଅପରେସନରେ ଭାରତୀୟ ନୌସେନା ଏବଂ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନସିବି) ଗୁଜୁରାଟର ପୋରବନ୍ଦର ନିକଟ ଜାହାଜରୁ ପ୍ରାୟ ୩,୩୦୦ କିଲୋଗ୍ରାମ ଡ୍ରଗ୍ସ ଜବତ କରିଛନ୍ତି।

ସୂଚନା ଅନୁସାରେ ଚଢ଼ଉ ବେଳେ ୩୦୮୯ କିଲୋଗ୍ରାମରୁ ଅଧିକ ଚରସ, ୧୫୮ କିଲୋ ମିଥାମଫେଟାମାଇନ୍ ଏବଂ ୨୫ କିଲୋଗ୍ରାମ ମର୍ଫିନ ଉଦ୍ଧାର କରାଯାଇଛି। ଏଥିରେ ସଂପୃକ୍ତ ଥିବା ଜାହାଜର ପାଞ୍ଚ ଜଣ କର୍ମଚାରୀ, ସମସ୍ତ ପାକିସ୍ତାନୀ ନାଗରିକଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ପାକିସ୍ତାନର ହୋଇଥିବା ସୂଚନା ମିଳିଥିବା ବେଳେ ଏହି ଡ୍ରଗ୍ସ କାରବାର ପଛରେ ପାକିସ୍ତାନର ଲିଙ୍କ ଥିବା ସନ୍ଦେହ କରାଯାଉଛି।

ଅଧିକାରୀମାନେ ଏପର୍ଯ୍ୟନ୍ତ ଜବତ ହୋଇଥିବା ଡ୍ରଗ୍ସର ମୋଟ ମୂଲ୍ୟ ନିର୍ଦ୍ଧାରଣ କରିନାହାନ୍ତି, ତେବେ ଅନ୍ତର୍ଜାତୀୟ ବଜାରରେ ଏକ କିଲୋଗ୍ରାମ ଚରସର ମୂଲ୍ୟ ୭ କୋଟି ଟଙ୍କା ରହିଛି।

ଜାହାଜଟି ଇରାନରୁ ଆସିଥିବା ବେଳେ ଭାରତରେ ଡ୍ରଗ୍ସ କାରବାର ନେଇ ଅନ୍ତରାଷ୍ଟ୍ରୀୟ ବଡ଼ ଗ୍ୟାଙ୍ଗ କାମ କରୁଥିବା ସନ୍ଦେହ କରାଯାଉଛି। ପୂର୍ବରୁ ମଧ୍ୟ ଅନେକ ଥର ଏନସିବି ଓ ନୌସେନା ମିଳିତ ଅପରେସନ କରି ସମୁଦ୍ରରୁ ଡ୍ରଗ୍ସ ଜବତ କରିଛନ୍ତି। ୨୦୨୨ରେ ଫେବୃଆରୀରେ ଗୁଜରାଟ ବନ୍ଦର ନିକଟରୁ ୨୨୧ କିଲୋଗ୍ରାମର ଡ୍ରଗ୍ସ ଜବତ ହୋଇଥିଲା। ସେହିପରି ଅକ୍ଟୋବର ୨୦୨୨ରେ କେରଳ ସମୁଦ୍ରରୁ ୨୦୦ କିଲୋଗ୍ରାମ ହେରୋଇନ ଜବତ ହୋଇଥିଲା। ଗତବର୍ଷ ମାର୍ଚ୍ଚରେ ପାକିସ୍ତାନୀ ଜାହାଜରୁ ୨ ହଜାର ୫୦୦ କିଲୋଗ୍ରାମର ଡ୍ରଗ୍ସ ଜବତ କରିଥିଲା ନୌସେନା।

# କ୍ୟାନସର ଭଲ କରିବ ୧୦୦ ଟଙ୍କିଆ ବଟିକା

ମୁମ୍ବାଇ,୨୮।୨

କର୍କଟ ଚିକିତ୍ସାରେ ମୁମ୍ବାଇର ଟାଟା ଇନ୍‌ଷ୍ଟିଚ୍ୟୁଟକୁ ବଡ଼ ସଫଳତା ମିଳିଛି। ଦ୍ୱିତୀୟ ଥର ଯେପରି ଏହି ରୋଗ ନହେବ ତା'ର ଚିକିତ୍ସା ଅନୁସନ୍ଧାନ କରିଥିବା ଦାବି କରାଯାଇଛି। ଏହି ପ୍ରତିଷ୍ଠାନର ଡାକ୍ତର ଏବଂ ଗବେଷକମାନେ ୧୦ ବର୍ଷ ପର୍ଯ୍ୟନ୍ତ ଗବେଷଣା କରି ଏକ ବଟିକା ପ୍ରସ୍ତୁତ କରିଛନ୍ତି। ଏହି ଔଷଧ ସେବନ କଲେ ଦ୍ୱିତୀୟ ଥର କର୍କଟ ରୋଗ ହେବ ନାହିଁ। କେବଳ ସେତିକି ନୁହେଁ ଏହି ଔଷଧ, ବିକିରଣ ଏବଂ କେମୋଥେରାପିର ଚିକିତ୍ସା ଜନିତ ପାର୍ଶ୍ୱ ପ୍ରତିକ୍ରିୟାକୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିଦେବ। ଆଗାମୀ ଦିନରେ ଏହି ଔଷଧ ସବୁଠି ଉପଲବ୍ଧ ହେବ। ଏହା ମାତ୍ର ୧୦୦ ଟଙ୍କାରେ ମିଳିବ।

ଟାଟା ମେମୋରିଆଲ ହସ୍ପିଟାଲର ବରିଷ୍ଠ କର୍କଟ ଚିକିତ୍ସକ ଡାକ୍ତର ରାଜେନ୍ଦ୍ର ବଡଭେ ଏହି ଗବେଷଣାରେ ସାମିଲ ଥିଲେ। ସେ କହିଛନ୍ତି ଯେ, ଗବେଷଣା ପାଇଁ ମନୁଷ୍ୟର କର୍କଟ କୋଷିକାକୁ ମୂଷାଠାରେ ପ୍ରୟୋଗ କରାଯାଇଥିଲା। ପରେ ବିକିରଣ ଥେରାପି, କେମୋଥେରାପି ଏବଂ ଅସ୍ତ୍ରୋପଚାର ମାଧ୍ୟମରେ ମୂଷାଙ୍କୁ ଚିକିତ୍ସା କରାଯାଇଥିଲା। କର୍କଟ କୋଷିକାଗୁଡିକ ମରିଯିବା ପରେ ଏହା ଛୋଟ ଛୋଟ କଣିକା 'କ୍ରୋମାଟିନ ପାର୍ଟିକିଲ୍ସ'ରେ ପରିଣତ ହୋଇଥାଏ। ଏହା ରକ୍ତପ୍ରବାହ ମାଧ୍ୟମରେ ଅନ୍ୟ ଅଙ୍ଗରେ ପହଞ୍ଚି କର୍କଟ ସୃଷ୍ଟି କରିଥାଏ। ଆଉ କିଛି କ୍ରୋମାଟିନ ପାର୍ଟିକିଲ୍ସ ସୁସ୍ଥ ଗୁଣସୂତ୍ର ସହ ମିଶି ପୁଣି କର୍କଟର କାରଣ ପାଲଟି ଥାଏ। ଏହି ସମସ୍ୟାର ସମାଧାନ ଲାଗି ଡାକ୍ତର ମୂଷାକୁ ରେସଭେରାଟ୍ରୋଲ ଏବଂ କପର (ଆର+ସିୟୁ) ସହିତ ପ୍ରି-ଅକ୍ସିଡାଣ୍ଟ ଦିଆଯାଇଥିଲା। (ଆର+ସିୟୁ) ଅକ୍ସିଜେନ ରାଡିକାଲ୍ ସୃଷ୍ଟି କରିଥାଏ। ଏହା କ୍ରୋମାଟିନ କଣିକାକୁ ନଷ୍ଟ କରିଦେଇଥାଏ।

# ଆଇଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୨୮।୨
ନ୍ୟୁଜ୍ ବ୍ୟୁରୋ

ବୁଧବାର ଆଇଏଏସ୍ ସ୍ତରରେ ଛୋଟ ଅଦଳବଦଳ କରିଛନ୍ତି ରାଜ୍ୟ ସରକାର। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୁରୀ ଜିଲ୍ଲାପାଳ ଥିବା ବିଜୟ କୁମାର ଦାସଙ୍କୁ କଟକ ମହାନଗର ନିଗମ(ସିଏମ୍‌ସି)ର କମିଶନର ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥି ସହିତ ସେ କଟକ ଉନ୍ନୟନ ପରିଷଦ(ସିଡିଏ)ର ଉପାଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ।

ସେହିପରି ମୟୂରଭଞ୍ଜ ଜିଲ୍ଲାପାଳ ଥିବା ଆଶିଷ ଠାକରେଙ୍କୁ ବାଲେଶ୍ୱର ଜିଲ୍ଲାପାଳ ଭାବେ ନିଯୁକ୍ତ କରାଯାଇଛି। ବାଲେଶ୍ୱର ଜିଲ୍ଲାପାଳ ଥିବା ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କୁ ମୟୂରଭଞ୍ଜ ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ସେହିପରି ସିଏମ୍‌ସି କମିଶନର ଥିବା ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ପୁରୀ ଜିଲ୍ଲାପାଳ ଭାବେ ବଦଳି କରାଯାଇଛି।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ୧୭,୩୦୦ କୋଟିର ଏକାଧିକ ବିକାଶମୂଳକ ପ୍ରକଳ୍ପର ମୂଳଦୁଆ ପକାଇଲେ ପ୍ରଧାନମନ୍ତ୍ରୀ

ଚେନ୍ନାଇ,୨୮।୨



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ମହାରାଷ୍ଟ୍ର ଗସ୍ତ ପୂର୍ବରୁ ତାମିଲନାଡୁର ଥୋଥୁକୁଡିଠାରେ ପ୍ରାୟ ୧୭,୩୦୦ କୋଟି ମୂଲ୍ୟର ଏକାଧିକ ବିକାଶମୂଳକ ପ୍ରକଳ୍ପର ମୂଳଦୁଆ ପକାଇଛନ୍ତି। କେବଳ ସେତିକି ନୁହେଁ ସେ ୧୦ ରାଜ୍ୟର ୭୫ଟି ଲାଇଟ୍ ହାଉସରେ ପର୍ଯ୍ୟଟନ ସୁବିଧା ମଧ୍ୟ ଉତ୍ସର୍ଗ କରିଛନ୍ତି। ଦେଶକୁ ମିଳିବ ପ୍ରଥମ ସ୍ୱଦେଶୀ ସବୁଜ ହାଇଡ୍ରୋଜେନ ଇନ୍ଧନ ସେଲ ଆଭ୍ୟନ୍ତରୀଣ ଜଳପଥ ଜାହାଜ।

ତାମିଲନାଡୁ ଭି.ଓ. ଚିଦାମ୍ବରନାର ବନ୍ଦରରେ ଜାହାଜର ଶୁଭାରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଭି.ଓ. ଚିଦାମ୍ବରନାର ବନ୍ଦରକୁ ଦେଶର ପ୍ରଥମ ସବୁଜ ହାଇଡ୍ରୋଜେନ କେନ୍ଦ୍ର ବନ୍ଦରରେ ପରିଣତ କରିବାକୁ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି । ଏହାଛଡ଼ା ଥୁଥୁକୁଡ଼ିଠାରେ ପ୍ରାୟ ୧୭ ହଜାର ୩୦୦ କୋଟି ଟଙ୍କାର ଏକାଧିକ ଉନ୍ନୟନ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି ପ୍ରଧାନମନ୍ତ୍ରୀ। ଏହା ପରେ ଅପରାହ୍ନରେ ମହାରାଷ୍ଟ୍ର ଗସ୍ତରେ ଯାଇ ପିଏମ୍ କିଷାନ ଏବଂ ଅନ୍ୟ ଯୋଜନାରେ ଲାଭାର୍ଥୀଙ୍କୁ ଟଙ୍କା ପ୍ରଦାନ କରିଛନ୍ତି। ୯ କୋଟିରୁ ଅଧିକ ହିତାଧିକାରୀଙ୍କ ଖାତାକୁ ୧୬ତମ କିସ୍ତିରେ ଆସିବ ୨୧ ହଜାର କୋଟିରୁ ଅଧିକ ଟଙ୍କା। ଏହାପରେ ପ୍ରଧାନମନ୍ତ୍ରୀ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହ ୪ ହଜାର ୯୦୦ କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ସେହିପରି ରାଜ୍ୟରେ ୧ କୋଟି ଆୟୁଷ୍ମାନ କାର୍ଡ ବଣ୍ଟନ ଆରମ୍ଭ କରାଯାଇଛି ।

# ୨୦୨୯ରେ ହେବ 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' !

ନୂଆଦିଲ୍ଲୀ,୨୮।୨



୨୦୨୯ ମଧ୍ୟଭାଗ ସୁଦ୍ଧା ସମ୍ବିଧାନରେ 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ଲାଗୁ କରିବା ପାଇଁ ସମ୍ବିଧାନରେ ଆବଶ୍ୟକ ଅଧ୍ୟାୟ ଯୋଡ଼ିବାକୁ ସୁପାରିସ କରିପାରେ ବିଧି ଆୟୋଗ । 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ଅନୁସାରେ ଦେଶରେ ଗୋଟିଏ ସମୟରେ ଲୋକସଭା, ରାଜ୍ୟ ବିଧାନସଭା ଏବଂ ସ୍ଥାନୀୟ ସଂସ୍ଥା ଗୁଡ଼ିକର ଏକକାଳୀନ ନିର୍ବାଚନ ହେବ ।

ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଅବସରପ୍ରାପ୍ତ ଜଷ୍ଟିସ ଋତୁରାଜ ଅୱସ୍ତିଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଶନ ସମ୍ବିଧାନରେ ସଂଶୋଧନ ଆଣି ଏକକାଳୀନ ନିର୍ବାଚନ ପାଇଁ ଏକ ନୂଆ ଅଧ୍ୟାୟ ବା ଧାରା ଯୋଡ଼ିବାକୁ ସୁପାରିସ କରିପାରନ୍ତି।

ଆସନ୍ତା ୫ ବର୍ଷ ମଧ୍ୟରେ ତିନୋଟି ପର୍ଯ୍ୟାୟରେ ବିଧାନସଭାର କାର୍ଯ୍ୟକାଳ ଏକକାଳୀନ କରିବାକୁ ଆୟୋଗ ସୁପାରିସ କରିବେ, ଯାହାଦ୍ୱାରା ୧୯ତମ ଲୋକସଭା ନିର୍ବାଚନ ସହିତ ମେ-ଜୁନ୍ ୨୦୨୯ରେ ପ୍ରଥମ ଥର ପାଇଁ ସମଗ୍ର ଦେଶରେ ଏକକାଳୀନ ନିର୍ବାଚନ ହୋଇପାରିବ। ସୂତ୍ରରୁ ପ୍ରକାଶ ଯେ ସମ୍ବିଧାନର ନୂତନ ଅଧ୍ୟାୟରେ ଲୋକସଭା, ବିଧାନସଭା, ପଞ୍ଚାୟତ ଏବଂ ପୌରପାଳିକା ପାଇଁ ଏକକାଳୀନ ନିର୍ବାଚନ, ଏକକାଳୀନ ନିର୍ବାଚନର ସ୍ଥିରତା ଏବଂ "ସାଧାରଣ ଭୋଟର ତାଲିକା" ସହିତ ଜଡିତ ପ୍ରସଙ୍ଗ ଅନ୍ତର୍ଭୁକ୍ତ ହେବ ଯାହା ଦ୍ୱାରା ତ୍ରିସ୍ତରୀୟ ନିର୍ବାଚନ ଏକାସାଙ୍ଗରେ ଅନୁଷ୍ଠିତ ହୋଇପାରିବ ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୯ ଫେବୃୟାରୀ ୨୦୨୪ ଗୁରୁବାର



# ବୀର ସୁରେନ୍ଦ୍ର ସାଏଙ୍କ ତିରୋଧାନ ଦିବସରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବୁଧବାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା କ୍ରାନ୍ତିବୀର ବୀର ସୁରେନ୍ଦ୍ର ସାଏଙ୍କ ତିରୋଧାନ ଦିବସରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଦେଶର ସ୍ୱାଧୀନତା ଏବଂ ସୁରକ୍ଷା ପାଇଁ ବୀର ସୁରେନ୍ଦ୍ର ସାଏଙ୍କ ତ୍ୟାଗ ଓ ବଳିଦାନକୁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ମନେପକାଇଛନ୍ତି।

# ଶାଶୁ ଘରେ ମହିଳାଙ୍କ ମୃତ୍ୟୁ : ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ

**କଟକ, ନ୍ୟୁଜ ବ୍ୟୁରୋ**

ପୁଣି ଜଳିଲା ଯୌତୁକ ଜୁଇ । ଶାଶୁଘରେ ମହିଳାଙ୍କ ମୃତ୍ୟୁ । ଥାନାରେ ହତ୍ୟା ଅଭିଯୋଗ ଆଣିଲେ ମହିଳାଙ୍କ ବାପଘର ଲୋକେ । ଏଭଳି ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲା ସାଲେପୁର ଥାନା ନାନ୍ଦୋଳ ଗ୍ରାମରେ । ମୃତ ମହିଳା ଜଣକ ହେଲେ ନାନ୍ଦୋଳ ଗ୍ରାମର ଦିଲୁ ଭୋଇଙ୍କ ପତ୍ନୀ ସୁନିତା କାଣ୍ଡି । ସୁନିତାଙ୍କ ବାପ ଘର ସାଲେପୁର ଥାନା ପିକୋଳ ପଞ୍ଚାୟତ ବଣହରା ଗ୍ରାମରେ । ବଣହରା ଗ୍ରାମର ତ୍ରୈଲୋକ୍ୟ କାଣ୍ଡିଙ୍କ ଝିଅ ସୁନିତା କାଣ୍ଡି ୨୦୨୦ ମସିହାରେ ବୈଦିକ ରୀତିରେ ବର ପକ୍ଷର ଦାବି ମୁତାବକ ଯୌତୁକ ଦେଇ ସାଲେପୁର ଥାନା ନାନ୍ଦୋଳ ଗ୍ରାମର ବିଜୟ ଭୋଇଙ୍କ ପୁଅ ଦିଲୁ ଭୋଇଙ୍କୁ ବିବାହ କରିଥିଲେ । ବିବାହ ଛଅ ମାସ ପରେ ଝିଅ ସୁନିତାକୁ ଶାରୀରିକ ମାନସିକ ନିର୍ଯାତନା ସହ ପଚାଶ ହଜାର ଟଙ୍କା ବାପଘରୁ ଆଣିବାକୁ ସବୁବେଳେ ବାଧ କରୁଥିଲେ । ରାସନ କାର୍ଡ଼ରୁ ନାଁ କାଟି ବାପଘରୁ କାଟି ଶାଶୁଘରେ ଯୋଡିବା ପାଇଁ ସୁନିତାକୁ ବାରମ୍ବାର ବାଧ କରୁଥିଲେ। ହେଲେ ସୁନିତା ତାହା ନକରିବାରୁ ଆଜି ଶାଶୁଘର ଲୋକେ ସୁନିତାକୁ ମାରି ଦେଇଥିବା ଅଭିଯୋଗ ହୋଇଛି । ମୃତ୍ୟୁ ପରେ ସାଲେପୁର ମେଡିକାଲକୁ ଆଣି ବାପଘର ଲୋକଙ୍କୁ ଖବର ଦେଇଥିଲେ । ବାପଘର ଲୋକେ ମେଡିକାଲରେ ସୁନିତାଙ୍କ ମୃତଦେହ ଦେଖିବା ପରେ ସାଲେପୁର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ମେଡିକାଲରେ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ସେପଟେ ସାଲେପୁର ପୋଲିସ ସ୍ୱାମୀକୁ ଅଟକ ରଖି ତଦନ୍ତ ଚଳାଇଥିବା ନେଇ ସୂଚନା ମିଳିଛି।

# ବେଦାନ୍ତ ଆଲୁମିନିୟମ୍ ଲାଞ୍ଜିଗଡ଼ ଶ୍ରୀ ଜଗନ୍ନାଥ ମନ୍ଦିରର ଏକ ମହାନ୍ ସମର୍ପଣ ସମାରୋହର ଆୟୋଜନ କରିଛି



**ଲାଞ୍ଜିଗଡ଼, ନ୍ୟୁଜ ବ୍ୟୁରୋ**

କାଳାହାଣ୍ଡି ଜିଲ୍ଲା ଭାରତର ମେଟାଲୋଜିକାଲ୍ ଗ୍ରେଡ୍ ଆଲୁମିନା ଏବଂ ବେଦାନ୍ତ ଆଲୁମିନିୟମର ଏକ ଅଂଶ ଉତ୍ପାଦନ କରୁଥିବା ବେଦାନ୍ତ ଲିମିଟେଡ୍, ନିକଟରେ ଶ୍ରୀ ଜଗନ୍ନାଥ ମନ୍ଦିରର ଏକ ମହାନ୍ ସମର୍ପଣ ସମାରୋହରେ ଆୟୋଜିତ କରିଥିଲା । ଏହି ମନ୍ଦିରଟି ପୁରୀର ଶ୍ରୀ ଜଗନ୍ନାଥ ମନ୍ଦିରର ଏକ ଘନିଷ୍ଠ ପ୍ରତିକୃତି ପରି ହୋଇଛି, ଯିଏକି ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ତୀର୍ଥସ୍ଥାନ ତଥା ଓଡିଶାର ସାଂସ୍କୃତିରେ ଏକ ଅବିସ୍ମରଣୀୟ ଅଂଶ ଅଟେ। ଓଡିଶା ସରକାରଙ୍କ ଯୋଜନା ତଥା ଅଭିଶରଣ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ପ୍ରଦୀପ ବିସାରେ, ବିଧାୟକ, ଲାଞ୍ଜିଗଡ଼ ଏବଂ ଜିଲ୍ଲା ପ୍ରଶାସନର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି ଉତ୍ସବରେ ଯୋଗ ଦେଇଥିଲେ, ଯେଉଁଥିରେ କଳାହାଣ୍ଡି ଏବଂ ରାୟଗଡାରୁ ୫୦,୦୦୦ରୁ ଅଧିକ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା । ସମ୍ପ୍ରତି ଉଦ୍‌ଘାଟିତ ମନ୍ଦିର ହେଉଛି ସ୍ଥାପତ୍ୟ ଐତିହ୍ୟର ଏକ ଚମତ୍କାରିତା ଅଟେ– ୯୧ ଫୁଟ ଉଚ୍ଚ ଏବଂ ୬୨ ଫୁଟ ଚଉଡ଼ା ସହିତ ୨୫ ମହଲା ବିଶିଷ୍ଟ ସ୍ତମ୍ଭ ସହିତ ଦୁଇ ମହଲା ବିଶିଷ୍ଟ ସଂରଚନାରେ ବିସ୍ତାର ହୋଇଛି, ଯେଉଁଠାରେ ଏକ ସମୟରେ ୨୦୦୦ ରୁ ଅଧିକ ଭକ୍ତଙ୍କୁ ଦର୍ଶନ କରିବାର ସୁବିଧା ମିଳିପାରିବ । ଏକ ପାରମ୍ପାରିକ ଡିଜାଇନକୁ ଅନ୍ତର୍ଭୁକ୍ତ କରି ଏହି ମନ୍ଦିରରେ ଏକ ଭିମାନ (ପବିତ୍ର ସ୍ଥାନ), ଜଗମୋହାନା (ପ୍ରବେଶ ବାରଣ୍ଡା) ଏବଂ ରେଖା (ଅଭୟାରଣ୍ୟ ଉପରେ ସ୍ପାୟ) ରହିଛି । ପ୍ରାଚୀରଗୁଡ଼ିକ ମଧ୍ୟ ଖୋଦିତ ଦେବତା, ପୌରାଣିକ ବ୍ୟକ୍ତିତ୍ୱ, ଏବଂ ଉଦ୍ଭିଦ ଏବଂ ଉଦ୍ଭିଦକୁ ଚିତ୍ରଣ କରୁଥିବା ଜଟିଳ ଖୋଦିତ ଚିତ୍ରରେ ସୁସଜ୍ଜିତ ହୋଇଛି । ବେଦାନ୍ତ ଆଲୁମିନିୟମ୍ ଏହାର ବ୍ୟବସାୟିକ ଭାଗିଦାରୀ ତଥା ସ୍ଥାନୀୟ ଭକ୍ତଙ୍କ ଯୋଗଦାନକୁ ପାଥେୟ କରି ମନ୍ଦିର ନିର୍ମାଣକୁ ବ୍ୟାପକ ଭାବରେ ସମର୍ଥନ କରିଥିଲା । ଏହି ସମାରୋହର ଆୟୋଜନ ପାଇଁ ଶ୍ରୀ ଶ୍ରୀ ହରିହର ସଂସ୍କୃତ ସେବା ସମିତି ସହାୟତା ପ୍ରଦାନ କରିଥିଲେ । ଏହି ଅବସରରେ ଉଦବୋଧନ ଦେଇ ଶ୍ରୀ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ, ସିଇଓ – ଆଲୁମିନା ବିଜନେସ୍, ବେଦାନ୍ତ ଲିମିଟେଡ୍ କହିଛନ୍ତି, "ଜଗନ୍ନାଥ ମନ୍ଦିରର ଉଦଘାଟନ ଲାଞ୍ଜିଗଡ଼ର ଲୋକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ଅଟେ ଏବଂ ଏହା ଓଡିଶାର ସାଂସ୍କୃତିକ ସମୃଦ୍ଧତା ରକ୍ଷା କରିବାରେ ଆମର ପ୍ରୟାସର ସର୍ବଶେଷତମ ଅଟେ । ଏହି ସମ୍ମାନଜନକ ସ୍ଥାପନା ବେଦାନ୍ତ ଲାଞ୍ଜିଗଡ଼, ଆମର ସମ୍ମାନଜନକ ବ୍ୟବସାୟ ସହଭାଗୀ ଏବଂ ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟମାନେ ଏକ ସମ୍ମାନଜନକ ସଂସ୍କୃତି ପ୍ରତିଷ୍ଠା କରିବାରେ ମିଳିତ ପ୍ରୟାସର ଏକ ପ୍ରମାଣ । ତେଣୁ ଆମେ ଏହି ମନ୍ଦିରକୁ ଆମର ସହଭାଗୀ ଐତିହ୍ୟର ସମୃଦ୍ଧତା ପାଇଁ ଉତ୍ସର୍ଗ କରୁଛୁ ଏବଂ ଆମର କାର୍ଯ୍ୟ ମାଧ୍ୟମରେ ଓଡ଼ିଶାର ପ୍ରଗତି ଏବଂ ଅଭିବୃଦ୍ଧି ପାଇଁ ନିଜକୁ ସାମିଲ କରିଛୁ ।" ଲାଞ୍ଜିଗଡ଼ ଜିଲ୍ଲାର ରାଜେନ୍ଦ୍ରପ୍ରତାପସିଙ୍ଗଦେଓ, ପ୍ରେସିଡେଣ୍ଟ, ଶ୍ରୀଶ୍ରୀହରିହରସଂସ୍କୃତ ସେବା ସମିତି କହିଛନ୍ତି, ପୁରୀର ଶ୍ରୀଜଗନ୍ନାଥ ମନ୍ଦିରର ସମୃଦ୍ଧ ଉତ୍ତରାଧିକାରୀଙ୍କ ଠାରୁ ପ୍ରେରଣା ପାଇ ଏହି ସମ୍ମାନିତ ମନ୍ଦିର ଲାଞ୍ଜିଗଡ଼ର ସାଂସ୍କୃତିକ ଦୃଶ୍ୟପଟରେ ଯଥେଷ୍ଟ ଯୋଗଦାନ କରିଛି । ଶେଷରେ ଲାଞ୍ଜିଗଡ଼ର ସ୍ଥାନୀୟ ସମ୍ପ୍ରଦାୟର ଉପସ୍ଥିତିରେ ମନ୍ଦିରର ବିଶାଳ ଉଦଘାଟନକୁ ସାକ୍ଷୀ କରିବା ପ୍ରକୃତରେ ଏକ ଆନନ୍ଦଦାୟକ ମୁହୂର୍ତ୍ତ ଅଟେ ଏବଂ ମୁଁ ଏହି ଦର୍ଶନକୁ ସଫଳ କରିବାରେ ବେଦାନ୍ତ ଆଲୁମିନିୟମ୍ ଦ୍ୱାରା ବିସ୍ତୃତ ସମର୍ଥନକୁ ପ୍ରଶଂସା କରୁଛି । ବିକାଶମୂଳକ ପଦକ୍ଷେପ ତଥା ସମ୍ପ୍ରଦାୟର କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ ମାଧ୍ୟମରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ପାଇଁ ବେଦାନ୍ତ ଲାଞ୍ଜିଗଡ଼ ଅନେକ ପଦକ୍ଷେପ ନେଇଛି । ଏହାର ଧୋକ୍ରା ଏବଂ ସୌରା ଆର୍ଟ ପ୍ରୋଜେକ୍ଟ ମାଧ୍ୟମରେ କମ୍ପାନୀ ରାଜ୍ୟର ପାରମ୍ପାରିକ କାରିଗରମାନଙ୍କୁ ନୂତନ ଆୟ ଏବଂ ବଜାର ସୁଯୋଗ ସୃଷ୍ଟି କରି ନିରନ୍ତର ଜୀବିକା ନିର୍ବାହ କରିବାରେ ସାହାଯ୍ୟ କରୁଛି । ବାର୍ଷିକ କାଳାହାଣ୍ଡି ଉତ୍ସବରେ ବେଦାନ୍ତ ଲାଞ୍ଜିଗଡ଼ ମଧ୍ୟ ନିୟମିତ ଅଂଶଗ୍ରହଣକାରୀ, ଯେଉଁଠାରେ ଏହା ଆଲୁମିନିୟମ ଉତ୍ପାଦନର ଆକର୍ଷଣୀୟ ପ୍ରଦର୍ଶନୀ ବ୍ୟତୀତ ବିଭିନ୍ନ ସମ୍ପ୍ରଦାୟ ଭିତିକ ପଦକ୍ଷେପ ପ୍ରଦର୍ଶନ କରିଛି । ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ସମ୍ପ୍ରଦାୟର ଭିତିଭୂମି ଏବଂ ତୃଣମୂଳ କ୍ରୀଡା, କଳା ଏବଂ ସଂସ୍କୃତି କ୍ଷେତ୍ରରେ କମ୍ପାନୀର ସାମାଜିକ ହସ୍ତକ୍ଷେପ – ସମସ୍ତେ ମହିଳା ଏବଂ ଶିଶୁ ବିକାଶ ଉପରେ ଧ୍ୟାନ ଦେଇ ଲାଞ୍ଜିଗଡ଼ ଏବଂ ଏହାର ନିକଟବର୍ତ୍ତୀ ଆଲୁମିନା ବିଶୋଧନାଗାରର ପ୍ରାୟ ୭୦ ଟି ଗ୍ରାମ ଉପକୃତ ହେଉଛନ୍ତି ।

# କଟକ ମହାନଗର ନିଗମର ୱାର୍ଡ ନଂ ୨୭ 'ମୋ ୱାର୍ଡ ଅଭିଯାନ' ଶୁଭାରମ୍ଭ

**କଟକ, ନ୍ୟୁଜ ବ୍ୟୁରୋ**

ବୁଧବାର ୱାର୍ଡ ନମ୍ବର ୨୭ ରେ କଟକ ମହାନଗର ନିଗମ ମେୟର ସୁବାସ ସିଂହ 'ମୋ ୱାର୍ଡ କାର୍ଯ୍ୟକ୍ରମ ' ର ଶୁଭାରାମ୍ଭ ଅପରାହ୍ନ ୪ ଘଟିକା ୩୦ ମିନିଟ ରେ କରିଥିଲେ । ମୋ ୱାର୍ଡ କାର୍ଯକ୍ରମର ପ୍ରଥମ ସଭା ସ୍ଥାନୀୟ। ଝୋଲା ସାହି ସ୍ଥିତ ଜଗନ୍ନାଥ ଲଜ ପରିସରରେ, ମାନ୍ୟବର ମେୟର ଶ୍ରୀ ସୁବାସ ସିଂ ୱାର୍ଡ ନମ୍ବର ୨୭ ର ମହିଳା ସ୍ୱୟଂ ସହାୟକ ଗୋଷ୍ଠି ସଭ୍ୟ ସଭ୍ୟା ମାନଙ୍କ ସହ ୱାର୍ଡ ର ଭିର୍ନି ଭିର୍ଣ୍ଣ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ . ଏହି ବୈଠକରେ ୮୦ ଗୋଟି ସ୍ୱୟଂ ସହାୟକ ମହିଳା ଗୋଷ୍ଠି ରୁ ପ୍ରାୟ ୬୫୦ ଜଣ ମହିଳା ଉପସ୍ଥିତ ଥିଲେ, ଏହି ସଭାରେ ମାନ୍ୟବର ମେୟର ଶ୍ରୀ ସିଂ ରାଜ୍ୟ ସରକାରଙ୍କର ମହିଳା ସ୍ୱୟଂ ସହାୟକ ଗୋଷ୍ଠି ପାଇଁ, ରାଜ୍ୟ ସରକାରଙ୍କ ଦ୍ୱାରା ଚାଲୁଥିବା ବିଭିର୍ଣ୍ଣ ଯୋଜନା ବିଷୟରେ ସମସ୍ତଙ୍କୁ ଅବଗତ କରାଇ ଥିଲେ , କଟକ ସହର ର ମା ଭଉଣୀମାନେ କିପରି ମହିଳା ଗୋଷ୍ଠି ରୁ ଗଝଗର ରେ ପରିଣତ ହୋଇପାରିବେ ଓ ଆତ୍ମନିର୍ଭର ହୋଇପାରିବେ ସେ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ ଏବଂ ଉପସ୍ଥିତ ମହିଳା ମାନଙ୍କ ବିଭିନ୍ନ ସମସ୍ୟା ଶୁଣିଥିଲେ ଓ ଯଥା ଶୀଘ୍ର ଏହାର ସମାଧାନ କରିବେ ବୋଲି ପ୍ରତିଶୃତି ମଧ୍ୟ ଦେଇଥିଲେ । ଦ୍ୱିତୀୟ ସଭା ଟି ସ୍ଥାନୀୟ ବସ୍ତି ବାସିନ୍ଦା ମାନଙ୍କ ସହିତ କରିଥିଲେ , ଏହି ସଭା ରେ ପ୍ରାୟ ୨୫୦ ଜଣ ବସ୍ତିବାସିନ୍ଦା ଯୋଗଦେଇଥିଲେ , ମାନ୍ୟବର ମେୟର ଶ୍ରୀ ସୁବାସ ସିଂ ବସ୍ତି ବାସିନ୍ଦା ଙ୍କ ସମସ୍ତ ପ୍ରକାର ଉର୍ନତି ପାଇଁ ରାଜ୍ୟ ସରକାର ଙ୍କ ବିଭିର୍ଣ୍ଣ ପ୍ରକାର ଯୋଜନା ବିଷୟରେ ଅବଗତ କରିଥିଲେ । ଏଥିରେ ମାନ୍ୟବର ମେୟର ଲୋକ ମାନଙ୍କୁ ସରକାର କରିଥିବା ବିଭିନ୍ନ ଯୋଜନା ରେ କିପରି



ଲାଭ ଉଠେଇ ପାରିବେ ସେ ସମ୍ପର୍କ ରେ ବସ୍ତିବାସିନ୍ଦା ଙ୍କୁ ସରଳ ଭାଷାରେ ବୁଝେଇ ଦେଇଥିଲେ । ଆଜିର କାର୍ଯ୍ୟକ୍ରମରେ ମେୟର ଶ୍ରୀ ସୁବାସ ସିଂ ଙ୍କ ସହିତ ,ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ଇତିଶ୍ରୀ ଦାସ, ପୂର୍ବତନ ଉପ ନଗରପାଳ ସ୍ମିତାମୁଲିଆ , ରାମଚନ୍ଦ୍ର ଦାସ ପୂର୍ବତନ କର୍ପୋରେଟର, ଚନ୍ଦନ କୁମାର ଦାସ ପୂର୍ବତନ ୱାର୍ଡ ସଭାପତି , ବିବେକାନନ୍ଦ ଜେନା (ଇଚଡ଼) ଲଳଟି ବବିସ୍ମିତା (ଉଗଗ), ତପତି ଦାସ (ଉଗଗ), କମୁନିଟି ଅର୍ଗନାଇଜର ଶୁଭ୍ରା ମିଶ୍ର, ସୁବ୍ରତ ସାହୁ , ସୁପର୍ଣ୍ଣ ବାରିକ, କୌଶଲ୍ୟା ଦାସ , ସୁଭଲକ୍ଷ୍ମି ରାୟ , ଝୁଲୁରଣି ଦାସ , ମିତଳି ଭଞ୍ଜ , ରେଣୁବାଳା ସାହୁ , କାଞ୍ଚନ ମୁଦୁଲି , କୁମୁଦିନୀ ସାହୁ , ଅନୁପମା ଜେନା ,, , ସ୍ଥାନୀୟ ମହିଳା , ସ୍ଥାନୀୟ ବସ୍ତିବାସିନ୍ଦା , ସ୍ଥାନୀୟ ଅଞ୍ଚଳର ଯୁବ ସଂଗଠନ , ଦେବେନ୍ଦ୍ର ପାଣିଗ୍ରାହୀ, କାଳିଚରଣ ପାଣିଗ୍ରାହୀ ,ଦୀପ୍ତି ରଞ୍ଜନ ରାୟ, ଜଗନ୍ନାଥ ସ୍ୱାଇଁ , ସକିଲ ଅଖତାର, ଜନ ଆଶିଷ ବରାଳ, ବିନୋଦ ପଣ୍ଡା ,ସୟିଦ ଶେଖାୱତ୍ ଅଲି ,ମିହିର ରଞ୍ଜନ ସାହୁ , ଲୋକନାଥ ସାହୁ , ଅବିନାଶ ମଲ୍ଲ, ରାଏସେନ ସୋରେନ ପ୍ରମୁଖ୍ୟ ଉପସ୍ଥିତ ଥିଲେ ।

# ସାପ୍ତାହିକ ଖବରକାଗଜ 'ଦେଶ ବିଦେଶ'ର ଦଶମ ସ୍ୱନକ୍ଷତ୍ର ଉତ୍ସବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସକାରାତ୍ମକ ଆଭିମୁଖ୍ୟ ଆଧାରିତ ସମ୍ବାଦ ପରିବେଷଣ ଦ୍ୱାରା ମାନବ ସମାଜର ବହୁବିଧ ଉନ୍ନତି ସାଧିତ ହୋଇଥାଏ। ସାମ୍ବାଦିକତା ବୃତ୍ତି ନିର୍ବାହ କରୁଥିବା ଓଡ଼ିଶାର ସାମ୍ବାଦିକ ଓ ସମ୍ବାଦପତ୍ର ରାଜ୍ୟର ବୃହତ୍ତର ସ୍ୱାର୍ଥ ସମ୍ବଳିତ ସମସ୍ୟା ଗୁଡ଼ିକୁ ଲୋକଲୋଚନକୁ ଆଣିବା ସହିତ ଓଡ଼ିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତିର ସୁରକ୍ଷା ଓ ସମୃଦ୍ଧି ପାଇଁ ଅବିରତ ଲେଖନୀ ଚାଳନା ଜାରି ରଖିଛନ୍ତି। ହେଲେ ସେମାନଙ୍କର ସମସ୍ୟା ପ୍ରତି ସରକାରଙ୍କର ଏଯାବତ୍ ଶୁଭଦୃଷ୍ଟି ପଡ଼ିନାହିଁ। ବର୍ତ୍ତମାନ ସମୟରେ ସାମ୍ବାଦିକ ଓ ସମ୍ବାଦପତ୍ରର ସମସ୍ୟା ପ୍ରତି ସରକାର ତୁରନ୍ତ ଅନୁକୂଳ ମନୋଭାବ ପୋଷଣ କରିବା ସହିତ ସବୁ ପ୍ରକାର ପ୍ରୋତ୍ସାହନ ଯୋଗାଇ ଦେବା ଜରୁରୀ ହୋଇପଡ଼ିଛି ବୋଲି ବହୁ ବିଶିଷ୍ଟ ବକ୍ତା ମତବ୍ୟକ୍ତ କରିଛନ୍ତି। ସାପ୍ତାହିକ ସମ୍ବାଦପତ୍ର




'ଦେଶ-ବିଦେଶ'ର ଦଶମ ସ୍ୱନକ୍ଷତ୍ର ଉତ୍ସବ ବୁଧବାର ପୂର୍ବାହ୍ନରେ ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ ବରିଷ୍ଠ ସାମ୍ବାଦିକ ତଥା ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ସମ୍ପାଦକ ସନତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ମୁଖ୍ୟବକ୍ତା ଭାବେ 'ସୁବାର୍ତ୍ତା'ର ସମ୍ପାଦକ ତଥା ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ, ପୂର୍ବତନ ସାଂସଦ ତଥା କବି ଡ. ପ୍ରସନ୍ନ ପାଟଶାଣୀ, ବିଶିଷ୍ଟ ବେଦ ବିଶାରଦ ତଥା କଂଗ୍ରେସ ସେବାଦଳ ମୁଖ୍ୟ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଅନୁଷ୍ଠାନର ସୀତାବଲ୍ଲଭ ମହାପାତ୍ର ପ୍ରମୁଖ ଯୋଗଦେଇ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରର ଭୂମିକା ଉପରେ ଆଲୋକପାତ କରିବା ସହ ସାମ୍ବାଦିକମାନଙ୍କ ସମସ୍ୟା ପ୍ରତି ସରକାର ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ଜେନା, ରବି ନାରାୟଣ ଜେନା, ସୁନିଲ କୁମାର ଜେନା, ସତ୍ୟଜିତ ମହାପାତ୍ର, ଦାତାରାମ ଅଶୋକ କୁମାର ମଙ୍ଗରାଜ, ରୁଦ୍ରସୁନ୍ଦର ମହାନ୍ତି, ସୁଶାନ୍ତ କୁମାର ପାତ୍ର, କେଳୁଚରଣ ସାହୁ ପ୍ରମୁଖଙ୍କୁ ଅନୁଷ୍ଠାନ ପକ୍ଷରୁ ମୁଖ୍ୟ ଅତିଥି ଉତ୍ତରୀୟ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ 'ଦେଶ ବିଦେଶ'ର ସମ୍ପାଦକ ଦିବ୍ୟାଂଶ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବାଲେଶ୍ୱର ଶଙ୍ଖାରିରେ...

ସିଟି ବସ୍ ସେବାର ମଧ୍ୟ ଶୁଭାରମ୍ଭ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାର ସବୁବେଳେ ସାଧାରଣ ଲୋକଙ୍କ ଅଧିକାର ଓ କଲ୍ୟାଣ ପାଇଁ କାମ କରୁଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଲକ୍ଷ୍ମୀ ବସ୍ ସୁବିଧା, ମହିଳା ଚାଷୀ ଓ ଯୁବକଙ୍କ ପାଇଁ ବିନା ସୁଧରେ ଋଣ ଆଦି କାର୍ଯ୍ୟକ୍ରମ ଦ୍ୱାରା ସବୁ ବର୍ଗର ଲୋକ ବିକାଶର ଭାଗୀଦାର ହୋଇପାରିଛନ୍ତି। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ କହିଥିଲେ ଯେ, ଆଜି ବାଲେଶ୍ୱରବାସୀଙ୍କ ପାଇଁ ଐତିହାସିକ ଦିନ। ଏ ମାଟିର ଦୁଇ ବରପୁତ୍ରଙ୍କର ସ୍ମୃତି ରକ୍ଷା ପାଇଁ ରାଜ୍ୟସରକାରଙ୍କ ପ୍ରତିବଦ୍ଧତା ଆଜି ବାଲେଶ୍ୱରବାସୀଙ୍କୁ ଉତ୍ସାହିତ କରିଛି। ଭୁବନେଶ୍ୱର ଏବଂ ପଣ୍ଡିଚେରୀରୁ ସଂଗୃହିତ ହୋଇଛି ଏହି ଦୁଇ ବରପୁତ୍ରଙ୍କ ବ୍ୟବହୃତ ସାମଗ୍ରୀ। ଆଗାମୀ ଦିନରେ ଏହା ବହୁ ସାହିତ୍ୟିକ, ଗବେଷକଙ୍କ ପାଇଁ ଏକ ଆକର୍ଷଣୀୟ ପୀଠ ହେବ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ବିଧାୟକ ସ୍ୱରୂପ କୁମାର ଦାସ ଏବଂ ବିଧାୟକ ଅନନ୍ତ ଦାସ କହିଥିଲେ ଯେ, ଆମ ମାଟିର ଏହି ଦୁଇ କୃତୀ ସନ୍ତାନଙ୍କ ସମ୍ମାନାର୍ଥେ ମୁଖ୍ୟମନ୍ତ୍ରୀଙ୍କ ଏହି ପ୍ରୟାସ ପାଇଁ ବାଲେଶ୍ୱରବାସୀ ବହୁତ ଖୁସି ଏବଂ ବାଲେଶ୍ୱର ଜିଲ୍ଲାର ବିକାଶ ଦାୟିତ୍ୱ ମୁଖ୍ୟମନ୍ତ୍ରୀ ହାତକୁ ନେଇ ଏକ ବିକାଶଶୀଳ ଜିଲ୍ଲା ଭାବେ ଏହାକୁ ପରିଣତ କରିଛନ୍ତି । କାର୍ଯ୍ୟକ୍ରମରେ ମନ୍ମଥ ଦାସ ଓ ମନୋଜ ଦାସଙ୍କ ପରିବାର ସଦସ୍ୟା ରଞ୍ଜିତା ଦାସ କହିଥିଲେ ଯେ, ବାଲେଶ୍ୱର ମାଟିର ଏହି ଦୁଇ ସୁଯୋଗ୍ୟ ସନ୍ତାନଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପ ପାଇଁ ଆମେ ପରିବାର ସଦସ୍ୟ ତାଙ୍କ ପାଖରେ କୃତଜ୍ଞ। ରାଜ୍ୟ ସରକାରଙ୍କ ୧୬ କୋଟି ଟଙ୍କା ଏଥିରେ ବିନିଯୋଗ ହୋଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧ୍ୟକ୍ଷଙ୍କୁ ଅଶେଷ ଧନ୍ୟବାଦ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ନବୀନ ନିବାସରେ...

ସହାୟତାରେ ରାଜ୍ୟରେ କାର୍ଯ୍ୟ କରୁଛି। ସମନ୍ୱିତ ଚାଷ ପାଇଁ ଉନ୍ନତ ଜ୍ଞାନ କୌଶଳ ବାବଦରେ ସୂଚନା ଦେଉଛି ଏହି କେନ୍ଦ୍ର। ଚାଷ ସମ୍ବନ୍ଧୀୟ ସମସ୍ୟା ବାବଦରେ ଏହି କେନ୍ଦ୍ର ଚାଷୀଙ୍କୁ ସହାୟତା ଯୋଗାଉଛି। ରାଜ୍ୟରେ କୃଷିର ଉନ୍ନତି ପାଇଁ ବିଲ୍ ଆଣ୍ଡ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ୍ ସହ ୨୦୧୭ ମସିହାରେ ଚୁକ୍ତି ହୋଇଥିଲା। ବୈଷୟିକ ପ୍ରଣାଳୀରେ କ୍ଷୁଦ୍ର ଚାଷୀ ଏବଂ ଚାଷୀଙ୍କ ଆୟବୃଦ୍ଧି କରିବା ନେଇ ଲକ୍ଷ୍ୟ ରଖାଯାଇଥିଲା। ଗେଟ୍ସ ଫାଉଣ୍ଡେସନ୍ ସହଯୋଗରେ ରାଜ୍ୟରେ ଚାଲିଥିବା ସମସ୍ତ ପ୍ରକଳ୍ପ କିପରି କାର୍ଯ୍ୟକାରୀ ହେଉଛି ତାହାର ସମୀକ୍ଷା କରିବା ପାଇଁ କୃଷି ଭବନରେ ପହଞ୍ଚିଥିଲେ ବିଲ୍ ଗେଟ୍ସ। ଏଥି ସହିତ ବିଲ୍ ଗେଟ୍ସ ଭୁବନେଶ୍ୱରରେ ନୂଆ ଭାବେ ଉଦ୍‌ଘାଟିତ ହୋଇଥିବା ମିଶନ ଶକ୍ତି ବଜାର ବୁଲି ଦେଖିଥିଲେ। ବିଲ୍ ଗେଟ୍ସ ମିଶନ ଶକ୍ତି ବଜାରର ସବୁ ଷ୍ଟଲ୍‌କୁ ଗୋଟିଗୋଟି କରି ବୁଲି ଦେଖିବା ସହ ବିକ୍ରି ହେଉଥିବା ଉତ୍ପାଦ ବିଷୟରେ ପଚାରି ବୁଝିଥିଲେ। ମିଶନ ଶକ୍ତି ବଜାର ପରିଦର୍ଶନ କରିବା ସହ ବିଲ୍ ଗେଟ୍ସ କୋରାପୁଟ୍ କଫି ପିଇଥିଲେ। ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ବଜାର ସୁବିଧା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ପଦକ୍ଷେପକୁ ଖୁବ୍ ପ୍ରଶଂସା କରିବା ସହ ବିଲ୍ ଗେଟ୍ସ କୋରାପୁଟ କଫି, କନ୍ଧମାଳ ହଳଦୀ, ସବାଇ ଘାସର ସାମଗ୍ରୀ , ଡୋକରା ସାମଗ୍ରୀ କିଣି ସାଥିରେ ନେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କ କେହି ନାହିଁ ଓଡ଼ିଶା ହେଉଛି ତାର ପରିବାର : ମନ୍ତ୍ରୀ

**କଟକ, ନ୍ୟୁଜ ବ୍ୟୁରୋ**

'ନବୀନ ପଟ୍ଟନାୟକ, ସେ ଆମ ପେଟକୁ ଅନାଇଛି। ତାର ବାପା ନାହିଁ, ମା ନାହିଁ, ପୁଅ ନାହିଁ, ଝିଅ ନାହିଁ, ତାର କେହି ନାହିଁ। ସାଢେ ୪ କୋଟି ଲୋକ ହେଲେ ତାର ପରିବାର। ସେ ମରିଗଲେ ତା ମୁହଁରେ ପାଣି ଦେବାକୁ ବି କେହି ନାହିଁ, ମୁଖାଗ୍ନି ଦେବାକୁ କେହି ନାହିଁ। ସେ ପରିବାରର ସମସ୍ତଙ୍କୁ ଦେଇଛି, ତା ମୁହଁକୁ ଟିକେ ଅନାଇବ, ଏତିକି ନିବେଦନ ...।' ଏଭଳି ଭାବବିହ୍ୱଳ ଢଙ୍ଗରେ ସଭା ମଞ୍ଚରେ କାନ୍ଦି କାନ୍ଦି ହାତ ଯୋଡି ମନ୍ତ୍ରୀ ତଥା ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ(ରାଜା) ଲୋକଙ୍କୁ ଅନୁରୋଧ କରିବା ଘଟଣା ବୁଧବାର ଚର୍ଚ୍ଚାର ବିଷୟ ହୋଇଛି। ଆଠଗଡ଼ ମହୋତ୍ସବ ପଡିଆରେ ଆୟୋଜିତ ବର୍ଦ୍ଧିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ଏଭଳି ନିବେଦନ କରିଥିଲେ ରାଜା ସ୍ୱାଇଁ। ରାଜାଙ୍କ ଏଭଳି ବକ୍ତବ୍ୟ ଏବେ ସୋସିଆଲ ମିଡିଆରେ ଘୂରି ବୁଲୁଛି। ଏଥର ରାଜା ନିଜେ କି ତାଙ୍କ ପୁଅ ଆଦିତ୍ୟ ପ୍ରତାପ ସ୍ୱାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ, ତାହାକୁ ନେଇ ଚର୍ଚ୍ଚା ଜାରି ରହିଥିବାବେଳେ ଆଜି ରାଜାଙ୍କର ଏଭଳି ଭାବବିହ୍ୱଳ ଆହ୍ୱାନ ଆଲୋଚନାର ଖୋରାକ ଯୋଗାଇଛି।


**କଟକ ଉନ୍ନୟନ କର୍ତ୍ତୃପକ୍ଷ**
CDA
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨
CAD-4340

**ସୂଚନା**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-7ରେ ପ୍ଲଟ୍ ନଂ-D/286 ଟିକୁ ସୟଦ ଅଖତର ଅଲି, ପିତା-ଂ ରମଜାନ ଅଲି, ସା-ମେହେନ୍ଦିପୁର, ପୋ-ଚାନ୍ଦିନୀଚୌକ, ଥା-ଲାଲବାଗ, ଜିଲ୍ଲା-କଟକ-753002ଙ୍କୁ ଉତ୍ତରାଧିକାର ଆଧାରରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ସୟଦ ଅଖତର ଅଲ୍ଲୀ ଉକ୍ତ ପ୍ଲଟ୍ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ପ୍ରତ୍ୟାଶା ପଲ୍ଲବି, ପିତା-ପ୍ରଶାନ୍ତ କୁମାର ନାୟକ, ସା/ପୋ-ବଉଲପୁର, ଥା-ସଦର, ଜିଲ୍ଲା- ଢେଙ୍କାନାଳ-759025ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ୍ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR-13037/11/0222/2324 ସ୍ୱା/- ସଚିବ


# ସମଲେଶ୍ୱରୀ ଏକ୍ସପ୍ରେସ ରେଙ୍ଗାଲି ଠାରେ ରହଣି କରିବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

୧୮୦୦୫/୧୮୦୦୬ ହାୱଡ଼ା-ଜଗଦଳପୁର-ହାଓଡ଼ା ସମଲେଶ୍ୱରୀ ଏକ୍ସପ୍ରେସ ପରୀକ୍ଷାମୂଳକ ଭିତ୍ତିରେ ରେଙ୍ଗାଲି ଷ୍ଟେସନ ଠାରେ ରହଣି କରିବ। ୧୮୦୦୫ ହାୱଡ଼ା-ଜଗଦଳପୁର ସମଲେଶ୍ୱରୀ ଏକ୍ସପ୍ରେସ ହାୱଡ଼ା ଠାରୁ ବୁଧବାରରୁ ଏବଂ ୧୮୦୦୬ ଜଗଦଳପୁର-ହାୱଡ଼ା ସମଲେଶ୍ୱରୀ ଏକ୍ସପ୍ରେସ ଜଗଦଳପୁର ଠାରୁ ଗୁରୁବାରରୁ ରେଙ୍ଗାଲି ଷ୍ଟେସନରେ ରହଣି କରିବ । ହାୱଡ଼ାରୁ ଛାଡୁଥିବା ସମଲେଶ୍ୱରୀ ଏକ୍ସପ୍ରେସ ରେଙ୍ଗଲିରେ ସକାଳ ୦୮ଘ.୩୬ମି.ରେ ପହଞ୍ଚି ୦୮ଘ.୩୮ମି.ରେ ଜଗଦଳପୁର ଅଭିମୁଖେ ଯାତ୍ରା କରିବ। ସେହିଭଳି, ଜଗଦଳପୁରରୁ ଏହି ଟ୍ରେନ୍ ରେଙ୍ଗାଲିରେ ସନ୍ଧ୍ୟା ୦୬ଘ.୫୫ମି.ରେ ପହଞ୍ଚି ସନ୍ଧ୍ୟା ୦୬ଘ.୫୭ମି.ରେ ହାୱଡ଼ା ଅଭିମୁଖେ ଯାତ୍ରା କରିବ । ୧୮୪୨୫/ ୧୮୪୨୬ ପୁରୀ-ଦୁର୍ଗ-ପୁରୀ ଏକ୍ସପ୍ରେସ ପୁରୀରୁ ୦୧ ମାର୍ଚ୍ଚ ୨୦୨୪ ଠାରୁ ଏବଂ ଦୁର୍ଗରୁ ୨ ମାର୍ଚ୍ଚ ୨୦୨୪ ଠାରୁ ଛାଡୁଥିବା ଟ୍ରେନ ଲୋଇସିଙ୍ଗା ଏବଂ ମୁରିବାହାଲ ଷ୍ଟେସନ ମାନଙ୍କରେ ରହଣି କରିବ । ପୁରୀ ଠାରୁ ଛାଡୁଥିବା ୧୮୪୨୫ ପୁରୀ- ଦୁର୍ଗ ଏକ୍ସପ୍ରେସ ଲୋଇସିଙ୍ଗାରେ ଭୋର ୦୩ଘ.୫୮ମି.ରେ ପହଞ୍ଚି ଭୋର ୦୪ ଘଟିକାରେ ଛାଡିବ । ଏହି ଟ୍ରେନ୍ ମଧ୍ୟ ମୁରିବାହାଲରେ ଭୋର ୦୬ଘ.୧୦ମି.ରେ ପହଞ୍ଚି ଭୋର ୦୬ଘ.୧୨ମି.ରେ ଦୁର୍ଗ ଆଡକୁ ଯାତ୍ରା କରିବ । ଫେରିବା ମାର୍ଗରେ ଦୁର୍ଗରୁ ଛାଡୁଥିବା ୧୮୪୨୬ ଦୁର୍ଗ-ପୁରୀ ଏକ୍ସପ୍ରେସ ସନ୍ଧ୍ୟା ୦୮ଘ.୨୫ମି.ରେ ମୁରିବାହାଲରେ ପହଞ୍ଚି ସନ୍ଧ୍ୟା ୦୮ଘ.୨୭ମି.ରେ ଛାଡିବ । ଏହି ଟ୍ରେନ୍ ମଧ୍ୟ ରାତ୍ରି ୧୦ଘ.୨୫ମି.ରେ ଲୋଇସିଙ୍ଗା ଠାରେ ପହଞ୍ଚି ରାତ୍ରି ୧୦ଘ.୨୭ମି.ରେ ପୁରୀ ଅଭିମୁଖେ ଯାତ୍ରା କରିବ । ଉପରୋକ୍ତ ଟ୍ରେନ ମାନଙ୍କ ପାଇଁ ଅନ୍ୟ ସ୍ୱୀକୃତ ଷ୍ଟେସନ ଓ ସମୟ ସାରଣୀ ଅପରିବର୍ତ୍ତିତ ରହିବ ।


**GOVERNMENT OF ODISHA, DEPARTMENTOF WATER RESOURCES**
**Office of the Engineer-in-Chief, Water Resources, Secha Sadan, Bhubaneswar**
A-1624
Email Address: cemech.eicwr.od@gmail.com
**e-Procurement Notice- Bid Identification No.- CEM/MDS-06/ 2023-24**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM/MDS - 06/2023-24
5. Tender Value : Rs. 92,15,383.00
6. Period of Completion : 03(Three) calendar months.
7. Date & time of availability of bid documents in the Portal : From dt.02.03.2024 (10.00 AM) to dt.11.03.2024 (5.30 PM)
8. Last date/ time for receipt of bid in the Portal : dt.11.03.2024 (up to 5.30 PM)
9. Date and Place of opening of Technical Bid : dt.12.03.2024 (12.00 Noon onwards in the O/O the undersigned)
10. Date and Place of opening of Financial Bid : To be intimated to the qualified Bidders after evaluation of Technical Bid.
11. Name of the Officer inviting bid : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Sd/-
Chief Engineer, Mechanical
O/o- Engineer-In-Chief,
Secha Sadan, Bhubaneswar

OIPR-32031/11/0014/2324



**GOVERNMENT OF ODISHA, DEPARTMENTOF WATER RESOURCES**
**Office of the Engineer-In-Chief, Water Resources, Secha Sadan, Bhubaneswar**
A-1623
Email Address: cemech.eicwr.od@gmail.com
**e-Procurement Notice- Bid Identification No.- CEM/MDL-06/ 2023-24**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM/MDL - 06/2023-24
5. Tender Value : Rs. 69,02,275.00
6. Period of Completion : 03(Three) calendar months.
7. Date & time of availability of bid documents in the Portal : From dt.02.03.2024 (10.00 AM) to dt.11.03.2024(5.30 PM)
8. Last date/ time for receipt of bid in the Portal : dt.11.03.2024 (up to 5.30 PM)
9. Date and Place of opening of Technical Bid : dt.12.03.2024 (12.00 Noon onwards in the O/O the undersigned)
10. Date and Place of opening of Financial Bid : To be intimated to the qualified Bidders after evaluation of Technical Bid.
11. Name of the Officer inviting bid : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Sd/-
Chief Engineer, Mechanical
O/o- Engineer-In-Chief,
Secha Sadan, Bhubaneswar

OIPR-32031/11/0012/2324



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BHUBANESWAR**
Ph. No. – 0674-2301787
Fax No.- 0674-2300965
E.Mail I.D. – cerw_bbsr@yahoo.co.in
No:-Tender – Online – BBSR Divn. – 57 Date :- 27.02.2024
O-2689
**e-Procurement NOTICE**

1. Name of the work : Special Repair of Building works
2. Total No. of Buildings : 1 No.
3. Class of contractor
   a) Above Rs. 20 lakh and upto 3 crore : "B" Class (of Odisha PWD) or equivalent class of other licensing authorities.
   b) Upto Rs. 40.00 lakh : "C' Class (of Odisha PWD) or equivalent class of other licensing authorities.
   c) Upto Rs. 20.00 lakh : "D' Class (of Odisha PWD) or equivalent class of other licensing authorities.
4. Estimate cost of Individual project : Rs. 37.29 lakh
5. Time for completion : As per annexure of TCN Column no. 07
6. Other details

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar. | Tender Online – BBSR Divn. - 57 | .02.2024 at 11.00 A.M. | .03.2024 up to 5.00 P.M | .03.2024 at 11.00 A.M. |

Further details can be seen from the website www.tendersorissa.gov.in

Sd/- Superintending Engineer,
Rural Works Division BBSR

OIPR-25066/11/0031/2324



GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION-II, NAYAGARH
E-Mail:- nayagarhrw2@yahoo.in
O-2685
**"e" Procurement Notice for Road works**
**Identification No. Online Tender / 17 / RWD – II / 2023-24**

1. Name of the work : Road works.
2. Total Number of works : 5 Nos
3. Approx. Estimated cost : Rs. 0.07 to 1 lakh
4. Class of Contractor : D Class of Contractor
5. Period of Completion : 15 days
6. Other details:

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date and time of opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Nayagarh | Online Tender / 17/RWD-II/ 2023-24 | Dt. 28.02.2024 at 11:00 A.M. | Dt. 01.03.2024 upto 5.00 P.M. | Dt. 01.03.2024 upto 4.00 P.M | Dt. 02.03.2024 at 4.00 P.M. |

**Further details can be seen from the website www.tendersodisha.gov.in**

Executive Engineer
R.W. Division-II, Nayagarh

OIPR-25144/11/0024/2324

ଭୁବନେଶ୍ୱର
୨୯ ଫେବୃୟାରୀ
ଗୁରୁବାର, ୨୦୨୪
RNI Regd. No. : 52640/94
Postal Regd. No. :
BN/60/22-24

# ବିଲ୍ ଗେଟସ୍‌ଙ୍କୁ ସମ୍ମାନଜନକ କିସ୍ ହ୍ୟୁମାନିଟାରିଆନ୍ ସମ୍ମାନ-୨୦୨୩

**ଭୁବନେଶ୍ୱର,୨୮।୨ନ୍ୟୁଜ ବ୍ୟୁରୋ**

ବିଶ୍ୱର ପ୍ରମୁଖ ସମାଜସେବୀ ତଥା ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ଏବଂ ବିଲ୍ ଆଣ୍ଡ ମିଲିଣ୍ଡା ଗେଟସ୍ ଫାଉଣ୍ଡେସନ୍‌ର ସହ-ଅଧ୍ୟକ୍ଷ ବିଲ୍ ଗେଟସ୍‌ଙ୍କୁ ସମ୍ମାନଜନକ କିସ୍ ହ୍ୟୁମାନିଟାରିଆନ୍ ସମ୍ମାନ ୨୦୨୩ ବୁଧବାର ପ୍ରଦାନ କରାଯାଇଛି। ବୁଧବାର ଭୁବନେଶ୍ୱରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ବିଲ୍ ଗେଟସ୍‌ଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ବିଶ୍ୱରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସର୍ଜନଶୀଳ ବୈଷୟିକ କୌଶଳ ମାଧ୍ୟମରେ ଅସମାନତା ଦୂର କରିବା କ୍ଷେତ୍ରରେ ବିଲ୍ ଗେଟସ୍‌ଙ୍କ ଉଲ୍ଲେଖନୀୟ ଅବଦାନ ନିମନ୍ତେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ଡ.ସାମନ୍ତ କହିଲେ, କିସ୍ ବିଲ୍ ଗେଟସ୍‌ଙ୍କୁ କିସ୍ ହ୍ୟୁମାନଟାରିଆନ୍ ପୁରସ୍କାର ପ୍ରଦାନ କରି ତାଙ୍କର ଉଲ୍ଲେଖନୀୟ ଅବଦାନକୁ କେବଳ ସମ୍ମାନ ପ୍ରଦାନ କରି ନାହିଁ ବରଂ ଏଥିସହ ଏହି ସ୍ୱୀକୃତିର ସମ୍ମାନ ବୃଦ୍ଧି କରିଛି। ତାଙ୍କର ଏହି ସମ୍ମାନ ଗ୍ରହଣ ବିଶ୍ୱରେ ମାନବିକ କାର୍ଯ୍ୟ କ୍ଷେତ୍ରରେ ଏକ ନୂତନ ମାନଦଣ୍ଡ ସ୍ଥିର କରିବ। ବିଲ୍ ଗେଟସ୍ ସମ୍ମାନଜନକ କିସ୍ ହ୍ୟୁମାନିଟାରିଆନ୍ ପୁରସ୍କାର ପ୍ରାପକଙ୍କ ତାଲିକାରେ ଯୋଡ଼ିହେବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଡ.ସାମନ୍ତ କହିଥିଲେ।




ଏହି ସମ୍ମାନ ଗ୍ରହଣ କରି ବିଲ୍ କିସ୍ ଓ ଏହାର ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ସେ କହିଲେ ମୋ କାର୍ଯ୍ୟକୁ କିସ୍ ସ୍ୱୀକୃତି ପ୍ରଦାନ କରିଥିବାରୁ ସମାଜସେବା କ୍ଷେତ୍ରରେ ଅଧିକ କାର୍ଯ୍ୟ କରିବା ପାଇଁ ଏହା ପ୍ରେରଣା ଯୋଗାଇବ। ଜନଜାତି ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇବା କ୍ଷେତ୍ରରେ ଡ. ସାମନ୍ତଙ୍କ ଦୂରଦୃଷ୍ଟି ଓ ତ୍ୟାଗକୁ ସେ ଉଚ୍ଚ ପ୍ରଶଂସା କରିଥିଲେ। ସମଗ୍ର ବିଶ୍ୱରେ ନିରବଚ୍ଛିନ୍ନ ଭାବେ ନିଷ୍ଠାର ସହ ମାନବିକ କାର୍ଯ୍ୟ କରିଆସୁଥିବା ବ୍ୟକ୍ତିବିଶେଷ ଏବଂ ସଂଗଠନକୁ ସ୍ୱୀକୃତି ପ୍ରଦାନ କରିବା ନିମନ୍ତେ କିସ୍ ହ୍ୟୁମାନିଟାରିଆନ୍ ପୁରସ୍କାର ହେଉଛି କିସ୍‌ର ଶ୍ରେଷ୍ଠ ସମ୍ମାନ। ଡ. ସାମନ୍ତଙ୍କ ଦ୍ୱାରା ୨୦୦୮ ମସିହାରେ ଏହି ସମ୍ମାନ ପ୍ରତିଷ୍ଠା କରାଯାଇଥିଲା। ଏହି ସମ୍ମାନରେ ସମ୍ମାନୀତ ବ୍ୟକ୍ତିବିଶେଷ କିମ୍ବା ସଂଗଠନକୁ ଏକ ପ୍ରଶସ୍ତିପତ୍ର ସହ ଏକ ସ୍ୱର୍ଣ୍ଣ ପ୍ରଲେପିତ ଟ୍ରଫି ପ୍ରଦାନ କରାଯାଇଥାଏ। ଏହି ଟ୍ରଫିରେ ଶୁଦ୍ଧତା, ଦୟା, ସମୃଦ୍ଧି ଓ ଆଶାର ଗୁଣ ସହିତ ମାନବିକତାର ଏକ ହୃଦୟ ସ୍ଥାନୀତ ହୋଇଛି। ଏଥିରେ ଦୁଇଟି ହାତ ଗୋଟିଏ ହୃଦୟକୁ ଟେକି ଧରିଥାଏ ଏବଂ ଅନେକ ହାତ ତରଙ୍ଗାୟିତ ହୋଇଥାଏ, ଯାହାକି ଦୁଇଟି ଉତ୍ସର୍ଗୀକୃତ ହାତ କିପରି ଅସହାୟଙ୍କ ଜୀବନରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବା ସହ ଜୀବନ ଜିଇଁବା ପାଇଁ ବିଶ୍ୱକୁ ଏକ ଉତ୍ତମ ସ୍ଥାନରେ ପରଣିତ କରିବା ସୂଚୀତ କରିଥାଏ। ପୂର୍ବରୁ ଏହି ସମ୍ମାନଜନକ ପୁରସ୍କାର ଲାଭ କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ବିଶ୍ୱର ବହୁ ବିଶିଷ୍ଟ ରାଷ୍ଟ୍ରନେତା, ନୋବେଲ୍ ବିଜେତା ଏବଂ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିମାନେ ରହିଛନ୍ତି, ଯାହାକି ଏହି ପୁରସ୍କାରର ବ୍ୟାପକ ଅନ୍ତର୍ଜାତୀୟ ଗ୍ରହଣୀୟତା ଓ ସମ୍ମାନକୁ ସୂଚୀତ କରୁଛି। ଏହି ସମ୍ମାନ ଗ୍ରହଣ କରିଥିବା ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ଦକ୍ଷିଣ ଆଫ୍ରିକା ଉତ୍ତର-ପଶ୍ଚିମ ରାଜ୍ୟର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ଏଡ଼ନା ବୋମୋ ମୋଲେୱା, ଦକ୍ଷିଣ କୋରିଆର ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ତଥା ହାନ୍‌ସେଓ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ଡ଼ା. ହାମ୍ କି ସନ୍, ମରିସସ୍‌ର ରାଷ୍ଟ୍ରପତି ଅନିରୁଦ୍ଧ ଜଗନ୍ନାଥ, ବ୍ରିଟେନ୍ ସୁପ୍ରିମକୋର୍ଟର ସଭାପତି ରୋଟାରିଆନ୍ ଜଷ୍ଟିସ୍ ନିକୋଲାସ୍ ଆଡ଼ିସନ୍ ଫିଲିପସ୍, ଭୁଟାନ ପ୍ରଧାନମନ୍ତ୍ରୀ ଲ୍ୟାଞ୍ଚେନ୍ ଜିଗମେ ଥିନ୍‌ଲେ, ସୁଇଜରଲ୍ୟାଣ୍ଡ ଏଫ୍‌ଏକ୍ସବି ଇଣ୍ଟରନ୍ୟାସନାଲ୍‌ର ପ୍ରତିଷ୍ଠାତା ମ୍ୟାଡ଼ାମ୍ ଆଲବିନା ଡୁ ବୋଇସ୍ରୋଭ୍ରେ, ଆଧ୍ୟାତ୍ମିକ ଗୁରୁ ତଥା ୨୦୦୫ ନୋବେଲ ଶାନ୍ତି ପୁରସ୍କାର ବିଜେତା ଦଲାଇ ଲାମା, ବାଂଲାଦେଶ ଗ୍ରାମୀଣ ବ୍ୟାଙ୍କର ପ୍ରତିଷ୍ଠାତା ତଥା ନୋବେଲ୍ ଶାନ୍ତି ପୁରସ୍କାର ବିଜେତା ମହମ୍ମଦ ୟୁନୁସ୍, ଗିନିର ନ୍ୟାସନାଲ୍ ଟ୍ରାନ୍‌ଜିସନ୍ କାଉନ୍‌ସିଲ୍‌ର ଅଧ୍ୟକ୍ଷ ଦାନ୍‌ସା କୋରୁମା ଏବଂ କେନିଆର ଫାଷ୍ଟ ଲେଡ଼ି ମାମା ରାଚେଲ୍ ରୁଟୋ ରହିଛନ୍ତି। ଏହି କାର୍ଯ୍ୟକ୍ରମରେ କିସ୍ ବିଶ୍ୱବିଦ୍ୟାଳୟର ଉପ କୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା କିସ୍ ତରଫରୁ ବିଲ୍ ଗେଟ୍‌ସଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଲେ ବିସ୍ମୟ ବାଳକ

**ନୟାଗଡ଼, ୨୮/୨ ନ୍ୟୁଜ ବ୍ୟୁରୋ**

ନୟାଗଡ଼ର ବିସ୍ମୟ ବାଳକ ସାଇ ସୁଧାଂଶୁ ବେହେରା । ମାତ୍ର ୩ ବର୍ଷ ବୟସରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ହାସଲ କରିଛନ୍ତି । ସୁଧାଂଶୁଙ୍କ ମୁଖରୁ ବାହାରୁଛି ବେଦପାଠ, ଶ୍ଳୋକ, ରାଷ୍ଟ୍ରପତିଙ୍କ ନାମ ସହ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବଡ଼ ଠାକୁର ଜଗନ୍ନାଥଙ୍କ ଠାରୁ ଆରମ୍ଭ କରି ବଡ଼ ନଦୀରନାମ ଇଂରାଜୀରେ ଏବଂ ଓଡ଼ିଆରେ କହିବା ଏବଂ ଲେଖିବା ସହ ୫୪ଟି କୁଇଜ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ ଫଟାପଟ ଉତ୍ତର ଦେଇ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ହାସଲ କରିଛନ୍ତି। ଏଥି ସହିତ ଇଂରାଜୀ ବର୍ଣ୍ଣମାଳା, ଇଂରାଜୀ ଏବଂ ଓଡ଼ିଆ ରାଇମ୍, ଇଂରାଜୀରେ ୧୨ ମାସର ନାମ, ଶରୀରର ବିଭିନ୍ନ ଅଙ୍ଗ, ବିଭିନ୍ନ ପ୍ରକାର ରଙ୍ଗ ସହ ପଶୁପକ୍ଷୀ, ଫଳମୂଳ, ପନିପରିବା, ଶବ୍ଦ ସହିତ ଇଂରାଜୀ ବର୍ଣ୍ଣମାଳା, ଓଡିଆ ଇଂରାଜୀ ରାଇମ୍ ଏବଂ କୁଇଜ ପ୍ରଶ୍ନର ଉତ୍ତର ଦେଇ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ହାସଲ କରିଛନ୍ତି ।

## ଅଲିଭ ରିଡଲେଙ୍କ ଶ୍ମଶାନ ଭୂଇଁ ପାଲଟିଛି ଗହିରମଥା

**ରାଜନଗର, ୨୮/୨ ନ୍ୟୁଜ ବ୍ୟୁରୋ**

ଅଲିଭ ରିଡଲେଙ୍କ ଏକ୍ସୁଡିଶାଳ କେନ୍ଦ୍ରାପଡାର ଗହୀରମଥା। ଏହି ସ୍ଥାନକୁ ସୁରକ୍ଷିତ ମନେକରି ପ୍ରତି ବର୍ଷ ହଜାର ହଜାର ମାଇଲ ଅତିକ୍ରମ କରି ବିରଳ ଅଲିଭ ରିଡଲେ କଇଁଛ ଅଣ୍ଡାଦାନ ପାଇଁ ଛୁଟି ଆସନ୍ତି। ହେଲେ ଏବେ ଅଲିଭ ରିଡଲେଙ୍କ ଶ୍ମଶାନ ଭୂଇଁ ପାଲଟିଛି ଗହିରମଥା। ଟ୍ରଲର ମାଡ ଓ ଜାଲରେ ଛନ୍ଦି ହୋଇ ପ୍ରାଣ ହରାଉଛନ୍ତି କଇଁଛ। ବର୍ତ୍ତମାନ ବେଆଇନ ଟ୍ରଲର ଚଳାଚଳ ବନ୍ଦ ରହିଥିବା ବେଳେ ବହୁ ସଂଖ୍ୟାରେ ଟ୍ରଲର ଜବତ କରାଯାଇଥିବା କହିଛନ୍ତି ରାଜନଗର ବନଖଣ୍ଡ ଅଧିକାରୀ। ଭାରତର ସର୍ବବୃହତ ସାମୁଦ୍ରିକ ଅଭୟାରଣ୍ୟ ତଥା ଅଲିଭ ରିଡଲେଙ୍କ ଏକ୍ସୁଡିଶାଳ ଗହୀରମଥା। ଏହି ସ୍ଥାନକୁ ସୁରକ୍ଷିତ ମନେକରି ପ୍ରତି ବର୍ଷ ହଜାର ହଜାର ବିରଳ ଅଲିଭ ରିଡଲେ କଇଁଛ ଅଣ୍ଡାଦାନ ପାଇଁ ଛୁଟି ଆସନ୍ତି । ହେଲେ ଏବେ ଅଲିଭ ରିଡଲେଙ୍କ ଶ୍ମଶାନ ଭୂଇଁ ପାଲଟିଛି ଗହିରମଥା। ଗହିରମଥା ଉପକୂଳରେ ପ୍ରଚୁର ପରିମାଣରେ ମାଛ ମିଳୁ ଥିବାରୁ ମାଛ ମାଫିଆମାନେ କଡା କଟକଣା ସତ୍ତ୍ୱେ ନିୟମକୁ ଫୁ –କରି ବେଆଇନ ଭାବେ ନିଷିଦ୍ଧାଞ୍ଚଳ ମଧ୍ୟରେ ପ୍ରବେଶକରି ମାଛ ମାରିଥାନ୍ତି। ଫଳରେ ଟ୍ରଲର ମାଡ ଏବଂ ଜାଲରେ ଛନ୍ଦିହୋଇ ହଜାର ହଜାର କଇଁଛ ପ୍ରାଣ ହରାଉଥିବା ଅଭିଯୋଗ ହୋଇଛି।

ଗହୀରମଥା ସମୁଦ୍ର କୂଳରେ ଶହ ଶହ ମଲା କଇଁଛ ମରିପଡିଥିବା ଓ ତାକୁ କାଉ କୁକୁର ଝୁଣୀ ଖାଉଥିବାର ଦୃଶ୍ୟ ପ୍ରକୃତି ପ୍ରେମୀମାନଙ୍କୁ ବ୍ୟଥିତ କରୁଛି। ଏନେଇ ରାଜନଗର ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପିନାଥ ଯାଦବଙ୍କୁ ପଚାରିବାରୁ ଟ୍ରଲର ମାଡ ଓ ଜାଲରେ ଛନ୍ଦି ହୋଇ କଇଁଛମାନଙ୍କର ମୃତ୍ୟୁ ଘଟୁଥିବା ସେ ସ୍ୱୀକାର କରିଛନ୍ତି। ୧୧୪ଟି କଇଁଛ ପ୍ରାଣ ହରାଇଥିବା ସୂଚନା ରହିଛି। ବର୍ତ୍ତମାନ ବେଆଇନ ଟ୍ରଲର ଚଳାଚଳ ବନ୍ଦ ରହିଥିବା ବେଳେ ବହୁ ସଂଖ୍ୟାରେ ଟ୍ରଲର ଜବତ କରାଯାଇଥିବା ସେ କହିଛନ୍ତି। ଚଳିତ ବର୍ଷ ଗଣଅଣ୍ଡାଦାନ ପ୍ରକ୍ରିୟାକୁ ସୁରକ୍ଷିତ କରିବା ପାଇଁ ବ୍ରହ୍ମପୁର ଡିଏଫ୍‌ଓ ଖୋଖରଙ୍କ ତତ୍ତ୍ୱାବଧାନରେ ବନ ବିଭାଗ ତରଫରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅଣ୍ଡାଦାନ ଅଞ୍ଚଳକୁ ବାଡ଼ ଦେଇ ସୁରକ୍ଷିତ କରାଯାଇଛି। କଇଁଛଙ୍କ ଅଣ୍ଡାଦାନ ପାଇଁ ଦୁଇଟି ବାଲୁକା ଶଯ୍ୟା ସୃଷ୍ଟି ହୋଇଛି। ମୁହାଣର ଦକ୍ଷିଣ ଓ ଉତ୍ତର ପାର୍ଶ୍ୱରେ ଏହି ଦୁଇଟି ବାଲୁକା ଶଯ୍ୟା ରହିଛି। ବର୍ତ୍ତମାନ ମୁହାଣ ପୋଡ଼ମପେଟା ନିକଟରେ ରହିଛି। ପୋଡ଼ମପେଟାରୁ ଅଁଳେଶ୍ୱର ଓ ପୋଡ଼ମପେଟାରୁ ପୁରୁଣାବନ୍ଧ ମଧ୍ୟରେ ସୃଷ୍ଟି ହୋଇଥିବା ବାଲୁକା ଶଯ୍ୟାରେ ଅଣ୍ଡାଦାନ ଅଧିକ ସଂଖ୍ୟାରେ ହେବା ନେଇ ଅନୁମାନ କରାଯାଉଛି। ସମୁଦ୍ର ଭିତରେ ପୁରୁଣାବନ୍ଧରୁ ଅଁଳେଶ୍ୱର ପର୍ଯ୍ୟନ୍ତ କଇଁଛ ଭର୍ତ୍ତି ହୋଇ ରହିଛନ୍ତି। ତେବେ ପାଗ ଅନୁକୂଳ ହେବା ପରେ ସେମାନେ ବେଳାଭୂମିକୁ ଆସି ଅଣ୍ଡାଦାନ କରିବେ। ଗତବର୍ଷ (୨୦୨୨-୨୩)ରେ ରେକର୍ଡ଼ ସଂଖ୍ୟକ ୬ଲକ୍ଷ ୩୭ହଜାର କଇଁଛ ଗଣଅଣ୍ଡାଦାନ କରିଥିବା ବେଳେ ୨୦୨୧-୨୨ରେ ସାଢ଼େ ୫ଲକ୍ଷ କଇଁଛ ଗଣଅଣ୍ଡାଦାନ କରିଥିଲେ। ମାଇ କଇଁଛ ସମୁଦ୍ର କୂଳକୁ ଆସି ନିଜର ସୁରକ୍ଷିତ ସ୍ଥାନ ବାଛି ଅଣ୍ଡା ଦେଇଥାନ୍ତି। ଗୋଟିଏ ମାଇ ଅଲିଭ୍ ରିଡ୍‌ଲେ ୮୦ରୁ ୧୬୦ଟି ଅଣ୍ଡା ଦେଇଥାନ୍ତି। ଗୋଟିଏ ବସା (ନେଷ୍ଟ)ର ଆକାର ୧ ଫୁଟ୍ ଗୋଲେଇ ଓ ଦେଢ଼ ଫୁଟ୍ ଗଭୀର ହୋଇଥାଏ। ଗଣଅଣ୍ଡାଦାନ ସରିବାର ପ୍ରାୟ ୫୦ଦିନ ପରେ ଅଣ୍ଡା ଫୁଟି ଛୁଆ ବାହାରିଥାନ୍ତି। ଏଥିପାଇଁ ବିଭିନ୍ନ ଅଞ୍ଚଳର ୬ଟି ଏସ୍‌ଏଚ୍‌ଜିର ସଦସ୍ୟାଙ୍କୁ ନେଇ ଗୋଖରକୁଦା ବେଳାଭୂମି ସଫେଇ କରାଯାଇଛି। ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର ସହଯୋଗରେ ଏହା ସମ୍ପାଦନ କରାଯାଇଛି। ସେଭଳି ଗୋଖରକୁଦା, ପୁରୁଣାବନ୍ଧା, ପୋଡ଼ମପେଟା ଓ କଣ୍ଟିଆଗଡ଼ର ପ୍ରାୟ ୨୪୦ ଲୋକଙ୍କୁ ନେଇ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯାଉଥିବା ଶ୍ରୀ ସାହୁ କହିଛନ୍ତି।

## ବିଜେଡିରେ ବଢୁଛି ଟିକେଟ୍ ଆଶାୟୀଙ୍କ ସଂଖ୍ୟା

**ଭୁବନେଶ୍ୱର, ୨୮/୨ ନ୍ୟୁଜ ବ୍ୟୁରୋ**

ବିଜେଡି ଟିକେଟ୍ କ୍ରେଜ୍ । ପ୍ରତିଦିନ ଟିକେଟ୍ ଆଶାୟୀଙ୍କ ସଂଖ୍ୟା ବଢୁଛି । କିଏ ସଂଗଠନ ଜରିଆରେ ଆବେଦନ କରୁଛନ୍ତି ତ କିଏ ନବୀନ ନିବାସକୁ ନିଜ ପ୍ରୋଫାଇଲ ପଠାଉଛନ୍ତି । ଆଗାମୀ ନିର୍ବାଚନରେ ବିଜେଡିର ବଡ଼ ବିଜୟ ନେଇ ବିଭିନ୍ନ ସର୍ଭେ ରିପୋର୍ଟ ଆସିବା ପରେ ଏହି ଦଳରୁ ପ୍ରାର୍ଥୀ ହେବା ପାଇଁ ଆଶାୟୀଙ୍କ ଆଗ୍ରହ ବଢୁଛି । ବିଜେଡି ୧୨୮ ବିଧାନସଭା ଓ ୧୮ ଲୋକସଭା ଆସନ ଜିତିବା ଚିତ୍ର ସ୍ପଷ୍ଟ ହେଉଥିବାରୁ ସୃଷ୍ଟି ହୋଇଛି ଏଭଳି ସ୍ଥିତି। ୧୦ ହଜାରରୁ ଅଧିକ ଆବେଦନ ଆସିଥିବା ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି । ଓଡ଼ିଶାବାସୀଙ୍କ ଆଶୀର୍ବାଦରୁ ୨୪ରେ ବିଜେଡିର ଐତିହାସିକ ବିଜୟ ହେବ ବୋଲି ସେ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି । ସର୍ଭେ ରିପୋର୍ଟ ଓ ଓଡ଼ିଶାବାସୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବାକୁ ମନସ୍ଥ କରିଥିବା ସଂକେତ ମିଳିବା ପରେ ବିଜେଡି ପ୍ରାର୍ଥୀ ହେବାକୁ ଜାତୀୟ ଦଳର ନେତା, ବିଭିନ୍ନ ବର୍ଗର ପେସାଦାର ବ୍ୟକ୍ତି ଓ ମହିଳାଙ୍କ ଆଗ୍ରହ ବଢ଼ିଛି । ତେବେ ମୁଖ୍ୟମନ୍ତ୍ରୀ ଚୂଡ଼ାନ୍ତ ନିଷ୍ପତ୍ତି ନେବେ।

## ପ୍ରଥମଶ୍ରେଣୀରେ ନାମଲେଖା ପାଇଁ ସର୍ବନିମ୍ନ ବୟସ ୬ବର୍ଷ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରଥମ ଶ୍ରେଣୀ ନାମଲେଖା ପାଇଁ ଶିଶୁଙ୍କୁ ସର୍ବନିମ୍ନ ୬ ବର୍ଷ ହୋଇଥିବା ଆବଶ୍ୟକ। ନୂତନ ଜାତୀୟ ଶିକ୍ଷାନୀତି ଓ ଆରଟିଇ ନିୟମ ଅନୁଯାୟୀ ଏହାକୁ ଲାଗୁ କରିବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଗୁରୁତ୍ୱ ଦେଇଛି। ଆସନ୍ତା ଶିକ୍ଷାବର୍ଷ ଅର୍ଥାତ ୨୦୨୪-୨୫ ଶିକ୍ଷାବର୍ଷରୁ ନାମଲେଖା ପାଇଁ ସର୍ବନିମ୍ନ ବୟସ ସୁନିଶ୍ଚିତ କରିବା ପାଇଁ ସମସ୍ତ ରାଜ୍ୟ ଓ କେନ୍ଦ୍ର ସାଶିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛି। ଏହି ନିର୍ଦ୍ଦେଶନାମା ଅନୁଯାୟୀ ବିଜ୍ଞପ୍ତି ବା ନିର୍ଦ୍ଦେଶନାମା ଜାରି କରିବାକୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ କୁହାଯାଇଛି।

## ବିଧାନସଭା ପରିସରରେ ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଘୋର ଅରଣ୍ୟ ମଧ୍ୟରେ ଲୁଚି ରହି ସାହସୀ ଓଡ଼ିଆମାନଙ୍କୁ ଏକତ୍ର କରି ବିଭିନ୍ନ ରଣକୌଶଳର ତାଲିମ ଦେଇ ଶୃଙ୍ଖଳାବୋଧ ଓ ନୈତିକତାକୁ ବଜାୟ ରଖି ବୀର ସୁରେନ୍ଦ୍ରସାଏ ଇଂରେଜମାନଙ୍କ ବିରୁଦ୍ଧରେ ଏକକ ସଂଗ୍ରାମର ନେତୃତ୍ୱ ନେଇଥିଲେ। ଏହା ଓଡ଼ିଆ ଜାତିର ଇତିହାସରେ ଏକ ସ୍ମରଣୀୟ ଘଟଣା। ଓଡ଼ିଶାର ଏହି ଜାତୀୟ ବୀରଙ୍କ ଧୈର୍ଯ୍ୟ, ସାହସ, ଦୃଢ଼ ନେତୃତ୍ୱ ଓ ମନୋବଳ ତଥା ଶୃଙ୍ଖଳା ଓ ନୈତିକତା ଏବଂ ମହତ୍ ଆଦର୍ଶ ଯୁଗେ ଯୁଗେ ଓଡ଼ିଆ ଜାତି ନିମନ୍ତେ ପ୍ରେରଣାର ଉତ୍ସ ହୋଇ ରହିଥିବ । ଏହି ଅଜୟ ବୀରଙ୍କର ୧୮୪୪ ମସିହା ଫେବୃଆରୀ ୨୮ ତାରିଖ ଦିନ ତିରୋଧାନ ଘଟିଥିଲା। ବୁଧବାର ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଓଡ଼ିଶା ବିଧାନସଭା ପରିସରରେ ଥିବା ପ୍ରତିମୂର୍ତ୍ତିରେ ଉପବାଚସ୍ପତି ସାଲୁଗା ପ୍ରଧାନ, ଶାସକ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ବିଧାୟକ ଅମର ପ୍ରସାଦ ଶତପଥୀ ଓ ବିଧାନସଭାର ସଚିବ ଦାଶରଥୀ ଶତପଥୀ ପ୍ରମୁଖ ଉପସ୍ଥିତ ରହି ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ଶାଶ୍ୱତୀ ସାମାଜିକ ଓ ସଂସ୍କୃତିକ କେନ୍ଦ୍ର ତରଫରୁ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା।

## ଘୋଷଣା

**ପ୍ରେସ୍ ଏଣ୍ଡ ରେଜିଷ୍ଟ୍ରେସନ୍ ଅଫ୍ ବୁକ୍ସ ଆକ୍ଟ (୧୮୬୭) ଏଣ୍ଡ ରେଜିଷ୍ଟ୍ରେସନ୍ ଅଫ୍ ନ୍ୟୁଜ୍ ପେପର୍ସ (ସେଣ୍ଟ୍ରାଲ ରୁଲ୍ସ) ୧୯୫୬ ଫର୍ମ ୪ ଧାରା ୮ ଅନୁଯାୟୀ ଦୈନିକ ସମ୍ବାଦପତ୍ର 'ସମ୍ବାଦ କଳିକା' ର ସ୍ୱତ୍ତ୍ୱାଧିକାର ଓ ଅନ୍ୟାନ୍ୟ ବିବରଣୀ**

| | | | |
|---|---|---|---|
| ୧. | ପ୍ରକାଶ ସ୍ଥାନ | : | ଭୁବନେଶ୍ୱର |
| ୨. | ପ୍ରକାଶ ସମୟ | : | ଦୈନିକ |
| ୩. | ମୁଦ୍ରାକରଙ୍କ ନାମ | : | **ବାସନ୍ତୀ ରାୟ** |
| | ଜାତୀୟତା | : | ଭାରତୀୟ |
| | ଠିକଣା | : | ପ୍ଲଟ୍ ନଂ-୪୬୪, ଶହୀଦ୍ ନଗର ଭୁବନେଶ୍ୱର-୭୫୧୦୦୭ |
| ୪. | ପ୍ରକାଶକଙ୍କ ନାମ | : | **ବାସନ୍ତୀ ରାୟ** |
| | ଜାତୀୟତା | : | ଭାରତୀୟ |
| | ଠିକଣା | : | ପ୍ଲଟ୍ ନଂ-୪୬୪, ଶହୀଦ୍ ନଗର ଭୁବନେଶ୍ୱର-୭୫୧୦୦୭ |
| ୫. | ସମ୍ପାଦକଙ୍କ ନାମ | : | **ଜୟାଶୀଷ ରାୟ** |
| | ଜାତୀୟତା | : | ଭାରତୀୟ |
| | ଠିକଣା | : | ପ୍ଲଟ୍ ନଂ-୪୬୪, ଶହୀଦ୍ ନଗର ଭୁବନେଶ୍ୱର-୭୫୧୦୦୭ |
| ୬. | ସ୍ୱତ୍ତ୍ୱାଧିକାରୀଙ୍କ ନାମ | : | **ଇଣ୍ଟିଗ୍ରାଲ୍ ପବ୍ଲିକେସନ୍ସ ପ୍ରାଇଭେଟ୍ ଲିମିଟେଡ୍** |
| | ଠିକଣା | : | ପ୍ଲଟ୍ ନଂ-୪୬୪, ଶହୀଦ୍ ନଗର ଭୁବନେଶ୍ୱର-୭୫୧୦୦୭ |

ମୁଁ **ବାସନ୍ତୀ ରାୟ,** ଏତଦ୍‌ଦ୍ୱାରା ଘୋଷଣା କରୁଅଛି କି ଉପର ଦର୍ଶିତ ବିବରଣୀମାନ ମୋର ଜ୍ଞାତ ଓ ବିଶ୍ୱାସମତେ ସତ୍ୟ ଅଟେ ।

ତା ୨୯-୦୨-୨୦୨୪ — **ସ୍ୱା: ବାସନ୍ତୀ ରାୟ**
**ପ୍ରକାଶକ, ସମ୍ବାଦ କଳିକା**


KISS

# KALINGA INSTITUTE OF SOCIAL SCIENCES (KISS)

Bhubaneswar, Odisha, India

**A home for 80,000 indigenous children**



# KISS HUMANITARIAN AWARD 2023

**Date: 28th February 2024**

## PAST RECIPIENTS

**Her Excellency Mama Rachel Ruto, EGH**
First Lady of the Republic of
**Kenya (2022)**

**Dr. Dansa KOUROUMA**
President, National Transition Council of Guinea, **Guinea (2019)**

**Professor Muhammad Yunus**
(Nobel Laureate)
Founder, Grameen Bank,
**Bangladesh (2018)**

**His Holiness**
**The 14th Dalai Lama (2017)**
Nobel Laureate, 2005 and Spiritual Leader

**Ms. Ashley Judd,**
Hollywood Actor, Activist & Global Goodwill Ambassador, **UNFPA (2016)**

**His Excellency**
**Dr Alejandro Toledo,**
Former President of **Peru (2015)**

**Ms. Anne F. Stenhammer**
Former Regional Programme Director, UN Women, **South Asia Regional Office (2014)**




**Mr. Bill Gates**, Co-chair of the Bill & Melinda Gates Foundation, and Co-Founder & former CEO of Microsoft receiving the prestigious **KISS Humanitarian Award 2023** from **Prof. Achyuta Samanta**, Founder, KIIT, KISS & KIMS, Bhubaneswar, Odisha, India.

**AWARDEES ARE FROM**

**5** Continents — **13** Countries — **2** Nobel Laureates *among the awardees*

**Madam Albina Du Boisrouvray**
Founder, Association François-Xavier Bagnoud (FXB International),
**Switzerland (2013)**

**His Excellency**
**Lyonchhen Jigmi Y. Thinley**
Hon'ble Prime Minister, The Royal Government of **Bhutan (2012)**

**Rt Hon. Lord Nicholas Addison Phillips**
President (Chief Justice) of the Supreme Court of the
**United Kingdom (2011)**

**Rt. Hon. Sir Anerood Jugnauth**
Eminent Social Worker &
His Excellency the President of
**Mauritius (2010)**

**Dr. Ham Kee-Sun**
Eminent Educationist & Physician and Hon'ble President & Founder, Hanseo University, **South Korea (2009)**

**Ms. Edna Bomo Molewa**
Noted Social Worker & Hon'ble Cabinet Minister, Social Development, South Africa National Assembly,
**South Africa (2008)**

The KISS Humanitarian Award is a prestigious annual international award conferred by the Kalinga Institute of Social Sciences (KISS) in Bhubaneswar, India, conceptualized and the brainchild of visionary humanitarian and educationist Prof. Achyuta Samanta, Founder of KIIT and KISS. The award was initiated in 2008 to recognize and felicitate individuals for their exemplary and distinguished service to humanity across the globe.

**The award ceremony for the years 2020 and 2021 has not taken place due to COVID-19. The awards will be received by legendary Indian personalities soon.**

www.kiss.ac.in | www.kiit.ac.in | www.achyutasamanta.com | facebook.com/kissfoundation | facebook.com/KIITUniversity | facebook.com/achyutasamanta